ଗିଜୁଭାଇଙ୍କ ଫୁଲପେଣ୍ଡା-୧୦

# ଚୋର ପାଇଲା ପାନେ

## ଗିଜୁଭାଇ ବଧେକା


ଅନୁବାଦ

ଶୈଳବାଳା ମହାପାତ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ

ଆବିଦ ସୁରତୀ




ନେହେରୁ ବାଳ ପୁସ୍ତକାଳୟ


ଗିଜୁଭାଇଙ୍କ ଫୁଲପେଣ୍ଡା–୧୦

# ଚୋର ପାଇଲା ପାନେ

## ଗିଜୁଭାଇ ବଧେକା

ଅନୁବାଦ
ଶୈଳବାଳା ମହାପାତ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ
ଆବିଦ ସୁରତୀ



nbt.india
एकः सूते सकलम्
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ



ISBN 978-81-237-8039-9

ପ୍ରଥମ ସଂସ୍କରଣ 2017 (ଶକାବ୍ଦ 1939)

© ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Original : Chor Machaye Shor *(Hindi)*

Translation : Chora Paila Pane (*Odia*)

**₹ 80.00**

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ନେହେରୁ ଭବନ, 5 , ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଫେଜ୍ - II
ବସନ୍ତକୁଞ୍ଜ, ନୂଆ ଦିଲ୍ଲୀ - 110070 କର୍ତ୍ତୃକ ପ୍ରକାଶିତ
Website : www.nbtindia.gov.in

ମୂଷା ପାଲଟିଲା ସିଂହ

ବୁଦ୍ଧି ହବ ତ ଏମିତି

ସୁନା ଓ ରୁପା

ନଦୀ ଲହୁଲୁହାଣ ହେଲା

ବୁଦ୍ଧି ନା ବଳ

ଚୋର ପାଇଲା ପାନେ

ନଳଦେବ ଓ ଜଳଦେବ

ଓଟର ପାଦ ଶଢ଼ିଗଲା

କାଉ କହିଲା କାଆ କାଆ କାଆ




## ଶିକ୍ଷକ ଭାଇଭଉଣୀମାନଙ୍କ ପାଇଁ

ଏହା ହେଉଛି ପିଲାଙ୍କ କାହାଣୀ । ଆପଣମାନେ ପିଲାଙ୍କୁ ଏସବୁ ଶୁଣାନ୍ତୁ । ପିଲାମାନେ ଏହାକୁ ଖୁସିର ସହ ବାରମ୍ୱାର ଶୁଣିବେ । ଆପଣ ଏହାକୁ ରସାଳ ଢଙ୍ଗରେ କାହାଣୀ ଶୁଣାଇବା ପ୍ରକ୍ରିୟାରେ କହନ୍ତୁ । କାହାଣୀ ମଧ୍ୟ ଏଭଳି ବାଛିବେ, ଯାହା ପିଲାଙ୍କ ବୟସକୁ ମେଳ ଖାଉଥିବ । ଭାଇ ମୋର, ଗୋଟେ କାମ ଆପଣ ମୋଟେ କରିବେ ନାହିଁ । ଏହି ଗପସବୁକୁ ଆପଣ ପିଲାମାନଙ୍କୁ ମୋଟେ ଘୋଷେଇବେ ନାହିଁ । ବରଂ ପ୍ରଥମେ ଆପଣ ନିଜେ ଅନୁଭବ କରନ୍ତୁ ଯେ ଏହି କାହାଣୀଗୁଡ଼ିକ ଯାଦୁବାଡ଼ି ଭଳି ଅଟେ ।

ଯଦି ଆପଣ ପିଲାମାନଙ୍କ ସହିତ ସ୍ନେହ ସମ୍ପର୍କ ଯୋଡ଼ିବାକୁ ଚାହାନ୍ତି, ତେବେ ତା'ର ମୂଳଦୁଆ କାହାଣୀରେ ଗଢ଼ନ୍ତୁ । ପିଲାମାନଙ୍କର ସ୍ନେହ ପାଇବା ପାଇଁ କାହାଣୀ ମଧ୍ୟ ଏକ ମାଧ୍ୟମ ଅଟେ । କେବେହେଲେ ପଣ୍ଡିତ ହୋଇ କାହାଣୀ କହିବେ ନାହିଁ । କଣ୍ଟା ପିଟିଲା ଭଳି ଜ୍ଞାନ ଠେସି କରି ଭର୍ତ୍ତି କରିବାର ଚେଷ୍ଟା କରିବେ ନାହିଁ । କେବେ ଜବରଦସ୍ତି କରିବେ ନାହିଁ । ଏହା ତ ପ୍ରବହମାନ ଗଙ୍ଗା । ଏଥିରେ ପ୍ରଥମେ ଆପଣ ବୁଡ଼ ମାରନ୍ତୁ ; ତା'ପରେ ପିଲାଙ୍କୁ ଗାଧୋଇ ଦିଅନ୍ତୁ !

ଗିଜୁଭାଇ







# ମୂଷା ପାଲଟିଲା ସିଂହ

ମୂଷାଟିଏ ଥିଲା । ଦିନେ ସେ ରାସ୍ତାରେ ଏମିତି ବୁଲୁବୁଲୁ ଖଦଡ଼ କନା ଖଣ୍ଡିଏ ପାଇଲା । ସାମନାରେ ଦରଜି ଦୋକାନଟିଏ ଥିଲା । ସେ ସେଠାକୁ ଯାଇ କହିଲା, 'ଭାଇ, ଏଇ କନାରେ ଟୋପିଟେ କରି ଦେ' !' ଦରଜି ଏପଟ ସେପଟ ଚାହିଁ ଆଶ୍ଚର୍ଯ୍ୟ ହେଲା, 'ଏକଥା କିଏ କହୁଛି ?' ମୂଷା କହିଲା, 'ଭାଇ ତଳକୁ ଚାହଁ । ମୁଁ ମୂଷା କହୁଛି । ଫଟାଫଟ୍ ଟୋପିଟେ ସିଲେଇ କରି ଦିଅ ।' ଦରଜି କହିଲା, 'କ'ଣ ମାଗଣାରେ ? ଯା' ଯା' ଆଗରେ ଦେଖ । ନହେଲେ ଏମିତି ବ୍ରହ୍ମ ଚାପୁଡ଼ାଟେ ଦେବି ଯେ ଚଟଣି ହେଇଯିବୁ ।'

ମୂଷା କହିଲା, 'ହେଃ, ପାଟି ବନ୍ଦ କର ଆଉ ଜଲ୍ଦି ଟୋପି ସିଲେଇ କରିଦିଅ । ନହେଲେ ...

**କଚେରିକୁ ଯିବି, ସିପେହି ଡାକିବି**
**ହାଡ଼ଗୋଡ଼ ତୋର ଚୁନ୍‌ଚୁନା କରି ଚଟଣି ବନେଇଦେବି'**

ଏକଥା ଶୁଣି ଦରଜି ଥରିଲା । କହିଲା, "ହଜୁର, ଏମିତି କଥା ମୋଟେ କରନି । ଆଣ, ମତେ କନାଟା ଦିଅ । ମୁଁ ସାଙ୍ଗେ ସାଙ୍ଗେ ଟୋପି ସିଲେଇ କରିଦେବି ।"

ଅଳ୍ପ ସମୟ ମଧ୍ୟରେ ଟୋପି ତିଆରି ହେଇଗଲା । ମୂଷା ଟୋପିଟି ପିନ୍ଧି ବଡ଼ ଦର୍ପରେ ଆଗେଇଲା । କିଛି ପାଦ ଯାଇଛି କି ନାହିଁ କପଡ଼ାରେ ଫୁଲ ପକାଉଥିବା ଦୋକାନଟିଏ ତା' ନଜରକୁ ଆସିଲା । ମୂଷା କହିଲା, 'ଶ୍ରୀମାନ୍, ମୋ ଟୋପିରେ ଫୁଲ ପକାଇଦିଅ ।' ଦୋକାନୀ କହିଲା, 'କ'ଣ ମାଗଣାରେ ? ପାଗଳଟେ କିରେ ? ଏଠୁ ଶୀଘ୍ର ପଳା । ନହେଲେ ଫୋଡ଼ିଦେବି ଏହି ଛୁଞ୍ଚି, ତୁ ଖେଳୁଥିବୁ ପୁଞ୍ଚି ।'



ମୂଷା କହିଲା, ‘ପାଟି ବନ୍ଦ କର । ଫଟାଫଟ୍ ମୋ ଟୋପିରେ କମକ୍ଷୁଟ ବୁଣିଦିଅ । ନହେଲେ ...

**କଚେରିକୁ ଯିବି, ସିପେହି ଡାକିବି ହାଡ଼ଗୋଡ଼ ତୋର ଚୁନ୍‌ଚୁନା କରି ଚଟଣି ବନେଇଦେବି’**

ଏକଥା ଶୁଣି ଦୋକାନୀ ପୂରାପୂରି ଡରିଗଲା । କହିଲା, ‘ହଜୁର, ଏମିତି କଥା ମୋଟେ କରନି । ମତେ ଟୋପିଟା ଦିଅ । ମୁଁ ସାଙ୍ଗେ ସାଙ୍ଗେ ଫୁଲ ପକାଇଦେବି ।’ ତା’ପରେ ଫୁଲପକା ଟୋପି ପିନ୍ଧି ମୂଷା ଥାଟରେ ଆଗକୁ ଚାଲିଲା । କିଛି ବାଟ ଯାଇଛି । ସେ ଗୋଟେ ମୋତି ଦୋକାନ ଦେଖିଲା । ମୂଷା କହିଲା, ‘ମିଷ୍ଟର, ମୋ ଟୋପିରେ କିଛି ମୋତି ଲଗେଇ ଦିଅ ।’ ମୋତିବାଲା ଚିଡ଼ିଯାଇ କହିଲା, ‘କ’ଣ ମାଗଣାରେ ? ଏଇ ଦୋକାନ କ’ଣ ତୋ ବୋପାର ! ଯାଃ, ପଳା ଏଠୁ । ନହେଲେ ଚାରିଟାଯାକ ଗୋଡ଼ ଭାଙ୍ଗିଭୁଙ୍ଗି ତୋ ଟୋପିରେ ରଖିଦେବି ।’

ମୂଷା ଗର୍ଜିଲା, 'ପାଟି ବନ୍ଦ କର । ଆଉ ଚୁପ୍‌ଚାପ୍ ମୋତି ସିଲେଇ କର । ନହେଲେ ...

**କଚେରିକୁ ଯିବି, ସିପେହି ଡାକିବି**

**ହାଡ଼ଗୋଡ଼ ତୋର ଚୁନ୍‌ଚୁନା କରି ଚଟଣି ବନେଇଦେବି'**

ଏକଥା ଶୁଣି ମୋତିବାଲାର ଗୋଡ଼ ଥରିଲା । କହିଲା, 'ହଜୁର ! ଏମିତି କଥା ମୋଟେ କରନି । ଆଣ, ମତେ ଟୋପି ଦିଅ । ମୁଁ ସାଙ୍ଗେ ସାଙ୍ଗେ ମୋତି ଲଗେଇ ଦଉଚି ।'

ତାପରେ ମୂଷା ଫୁଲପକା ଓ ମୋତିଲଗା ଟୋପି ପିନ୍ଧି ଆଗକୁ ଚାଲିଲା । ଏଥର ପୂରା ଗାଁରେ ତା'ର ପତିଆରା ବଢ଼ିଗଲା । ରାସ୍ତାରେ ତାକୁ ଗୋଟେ ଡମ୍ବରୁ ବିକୁଥିବା ଲୋକ ମିଳିଲା । ମୂଷା ତାକୁ ଡମ୍ବରୁ ମାଗିଲା । ଡମ୍ବରୁବାଲା ଉଁ ଚୁଁ ନକରି ତା' ହାତରେ ଡମ୍ବରୁଟିଏ ଧରେଇଦେଲା । ଏଥର ମୂଷା ମୁଣ୍ଡରେ ଟୋପି ପିନ୍ଧି ହାତରେ ଡମ୍ବରୁ ବଜେଇ ବଜେଇ ଆଗକୁ ଚାଲିଲା :

**ଡମ୍ ଡମ୍ ଡମାକ୍ ଡମ୍ ଡମ୍ ଡମାକ୍**

**ଡମ୍ ଡମ୍ ଡମାକ୍ ଡମ୍ ଡମ୍ ଡମାକ୍ ...**

ମୂଷା ନାଚି ନାଚି ଗାଇ ଗାଇ ଡମ୍ବରୁ ବଜେଇ ବଜେଇ ରାଜାଙ୍କ ମହଲ ସାମନା ଦେଇ ଯାଉଥିଲା । ରାଜା ଝରକା ପାଖରେ ଛିଡ଼ା ହୋଇଥିଲେ । ତାଙ୍କୁ ଦେଖି ମୂଷା ଛଳେଇ କରି କହିଲା :

**ରାଜାଙ୍କ ଟୋପି ତ ବଢ଼ିଆ**

**ହେଲେ ମୋ ଟୋପି ପାଖେ ନଡ଼ବଡ଼ିଆ**

**ଡମ୍ ଡମ୍ ଡମାକ୍ ଡମ୍ ଡମ୍ ଡମାକ୍ ...**

ଏକଥା ଶୁଣି ରାଜା ରାଗରେ ନିଆଁବାଣ । ସେ କହିଲେ, 'ମୋ ମୁକୁଟକୁ ମୂଷା ଟୋପି କହୁଛି । ପୁଣି ଖରାପ ଟୋପି କହୁଛି । ତା' ଟୋପି ଛଡ଼େଇ ଆଣ ।' ସିପେହିମାନେ ମୂଷାର ଟୋପି ଝପଟି ଆଣିଲେ । ଏଥର ମୂଷା ଡମ୍ବରୁ ବଜେଇ ଗାଇବାକୁ ଲାଗିଲା :


**ମୋ ଟୋପି ଛଡ଼େଇନେଲେ**
**ଏ ଦେଶ କାଙ୍ଗାଳ ରାଜା**
**କ'ଣ କରିବ କହ ଏ ଦେଶ ପ୍ରଜା**
**ଡମ୍ ଡମ୍ ଡମାକ୍ ଡମ୍ ଡମ୍ ଡମାକ୍ ...**

ରାଜା ଚିତ୍କାର କଲେ, 'କ'ଣ ମୁଁ କାଙ୍ଗାଳ ? ତା' ଟୋପି ତାକୁ ଫେରେଇ ଦିଅ !' ସିପେହିମାନେ ତୁରନ୍ତ ଆଦେଶ ପାଳନ କଲେ । ଏଥର ମୂଷା ନୂଆ ଛନ୍ଦରେ ସ୍ୱର ଛାଡ଼ିଲା :

**ଶେରସିଂହ ବୋଲି କହି ହଉଥାଏ ମୂଷାଟାକୁ ଡରୁଥାଏ**
**କେମିତି ଏ ମହାରାଜା ଯିଏ ଡରି ଡରି ବଞ୍ଚୁଥାଏ**
**ଡମ୍ ଡମ୍ ଡମାକ୍ ଡମ୍ ଡମ୍ ଡମାକ୍ ...**

ସତ କଥାଟା କାନରେ ପଡ଼ିବାରୁ ରାଜା ରାଗରେ ପାଗଳ ଭଳି ହେଲେ । ନିଜର ବାଳ ମୁଠା ମୁଠା କରି ଟାଣିଲେ । ମୂଷା ନିଜ ଟୋପି ଟିକିଏ ତେରଛା କରି ଲଗେଇ ନାଚି ନାଚି ଗୀତ ଗାଇ ଗାଇ ଡମ୍ବରୁ ବଜେଇ ବଜେଇ ଆଗକୁ ଚାଲିଲା ...

**ଡମ୍ ଡମ୍ ଡମାକ୍ ଡମ୍ ଡମ୍ ଡମାକ୍**
**ଡମ୍ ଡମ୍ ଡମାକ୍ ଡମ୍ ଡମ୍ ଡମାକ୍ ...**






# ବୁଦ୍ଧି ହବ ତ ଏମିତି

ଜଣେ ରାଜକୁମାରୀ ଥିଲେ । ସେ ଯେମିତି ସୁନ୍ଦରୀ ସେମିତି ବୁଦ୍ଧିମତୀ । ପଢ଼ାଲେଖା ଜାଣିଥିଲେ । ରାଜକୁମାରୀଙ୍କ ପାଖେ ଭରପୂର ସଂସ୍କାର ଥିଲା । କେତେଥର ତ ନିଜେ ରାଜା ବି ଝିଅଠୁ ପରାମର୍ଶ ନେଇ ନ୍ୟାୟ କରୁଥିଲେ । ରାଣୀ ମଧ୍ୟ ଝିଅ କଥାକୁ ମର୍ଯ୍ୟାଦା ଦେଉଥିଲେ । ଦୁଃଖୀରଙ୍କିଙ୍କ ପ୍ରତି ରାଜକୁମାରୀ ସାହାରା ହୋଇଥିଲେ । ରୋଗୀ ଲୋକଙ୍କ ସେବା କରୁଥିଲେ । ସାଧୁସନ୍ଥଙ୍କୁ ପ୍ରତିଦିନ ସେ ଭୋଜନ ଦେଉଥିଲେ । ରାଜାଠୁ ରଙ୍କଯାଏଁ ସମସ୍ତେ ତାଙ୍କୁ ଭଲ ପାଉଥିଲେ । ସମସ୍ତେ ତାଙ୍କର ପ୍ରଶଂସାର ବାନା ଉଡ଼ାଉଥିଲେ ।

ଥରେ ସେ ନଗରକୁ ଚାରିଜଣ ଯାତ୍ରୀ ଆସିଲେ । ଚାରିଜଣଯାକ ଥିଲେ ବଡ଼ ପଣ୍ଡିତ । ସେମାନେ ରାଜକୁମାରୀଙ୍କ ବୁଦ୍ଧିମତ୍ତାର କଥା ଶୁଣିଲେ । ଭାବିଲେ ... ଏଭଳି ବିଦ୍ୱାନ ଯୁବତୀ ସହ ଥରେ ଭେଟ ହେବା ଦରକାର । କିନ୍ତୁ ଏହା କିପରି ସମ୍ଭବ ହେବ ? ଜଣେ କହିଲେ, ‘ମୁଁ ରାଜକୁମାରୀ ଦେଉଥିବା ମାଗଣା ଭୋଜନକୁ ଯିବି । ସେଠି ଖାଇବାକୁ ବି ମିଳିବ । ରାଜକୁମାରୀ ମଧ୍ୟ ଭେଟ ହେବେ ।’ ସେ ସେହି ମାଗଣା ପଙ୍ଗତକୁ ଗଲେ । ସାଧୁସନ୍ଥମାନଙ୍କ ପଙ୍ଗତରେ ସେ ମଧ୍ୟ ଭୋଜନ କରିବାକୁ ବସିପଡ଼ିଲେ । ସେତେବେଳେ ରାଜକୁମାରୀ ଆସିଲେ ଓ ପଣ୍ଡିତଙ୍କୁ ଦେଖି କହିଲେ, ‘ଇଏ ପଂକ୍ତି ଭୋଜନ ସାଧୁସନ୍ଥଙ୍କ ନିମିତ୍ତ । କୁହନ୍ତୁ, ଆପଣ କିଏ ?’ ପଣ୍ଡିତ ଜଣକ କହିଲେ, ‘ଆଜ୍ଞା ... ମୁଁ ଜଣେ ବାଟୋଇ ।’ ରାଜକୁମାରୀ ସାଙ୍ଗେ ସାଙ୍ଗେ କହିଲେ, ‘ଏଇ ସଂସାରରେ ତ ମାତ୍ର ଦୁଇଜଣ ବାଟୋଇ ଅଛନ୍ତି । ତୃତୀୟ ଆପଣ କେଉଁଠୁ ଆସିଲେ ?’ ପଣ୍ଡିତଙ୍କ ପାଖରେ ଉତ୍ତର ନଥିଲା । ସେ ନିଜର ଅନ୍ୟ ସାଥୀମାନଙ୍କ ପାଖକୁ ଫେରି ଆସିଲେ । ସେମାନଙ୍କୁ ସବୁକଥା କହିଲେ ।



ସମସ୍ତଙ୍କୁ ବଡ଼ ତାଜୁବ ଲାଗିଲା । ଦ୍ୱିତୀୟ ପଣ୍ଡିତ ଠିଆ ହୋଇ କହିଲେ, 'ଏଥର ମୁଁ ଯାଏ । ଦେଖାଯାଉ, ସେ ମତେ କ'ଣ କହୁଛନ୍ତି ।'

କିଛି ସମୟ ପରେ ସେ ଭୋଜନ ସ୍ଥଳରେ ପହଞ୍ଚିଲେ । ସାଧୁଙ୍କ ପଙ୍ଗତରେ ବସିଲାବେଳକୁ ରାଜକୁମାରୀଙ୍କ ନଜର ତାଙ୍କ ଉପରେ ପଡ଼ିଲା । ସେ ତୁରନ୍ତ ପଣ୍ଡିତ ଜଣଙ୍କୁ କହିଲେ, 'ଇଏ ଭୋଜନ ବ୍ୟବସ୍ଥା ସାଧୁସନ୍ଥଙ୍କ ପାଇଁ ଉଦ୍ଦିଷ୍ଟ । କୁହନ୍ତୁ ଆପଣ କିଏ ?' ସେ କହିଲେ, 'ମୁଁ ଜଣେ ଗରିବ ଲୋକ ।' ରାଜକୁମାରୀ ସଙ୍ଗେ ସଙ୍ଗେ କହିଲେ, 'ଏ ସଂସାରରେ ମାତ୍ର ଦୁଇଜଣ ଗରିବ ଅଛନ୍ତି । ତୃତୀୟ ଆପଣ କେଉଁଠୁ ଖସିଲେ ?' ଏହି ପଣ୍ଡିତଙ୍କ ପାଖରେ ମଧ୍ୟ ଉତ୍ତର ନଥିଲା । ସେ ବି ନିଜର ସାଥୀମାନଙ୍କ ପାଖକୁ ଫେରିଆସିଲେ ଓ ସବୁକଥା କହିଲେ । ସେମାନେ ସମସ୍ତେ ପୁଣି ଆଶ୍ଚର୍ଯ୍ୟ ହୋଇଗଲେ । ତାପରେ ତୃତୀୟ ପଣ୍ଡିତ ଠିଆହୋଇ କହିଲେ, 'ଏବେ ମୁଁ ଯାଇକି ଆସେ । ଦେଖେ ସେ ମତେ କ'ଣ କହୁଛନ୍ତି ।'

କିଛି ସମୟ ପରେ ସେ ପଂକ୍ତି ଭୋଜନ ସ୍ଥାନରେ ପହଞ୍ଚିଗଲେ । ସାଧୁଙ୍କ ପଙ୍ଗତରେ ଠିକ୍ ବସିଲାବେଳକୁ ରାଜକୁମାରୀଙ୍କ ନଜର ତାଙ୍କରି ଉପରେ ଅଟକିଗଲା । ସେ ସାଙ୍ଗେ ସାଙ୍ଗେ ଏଇ ତୃତୀୟ ପଣ୍ଡିତଙ୍କୁ କହିଲେ, 'ଏଇ ଭୋଜନ ବ୍ୟବସ୍ଥା ସାଧୁସନ୍ଥଙ୍କ ପାଇଁ ଅଟେ । କୁହନ୍ତୁ, ଆପଣ କିଏ ?' ଟିକିଏ ଭାବି ପଣ୍ଡିତ ଜଣକ କହିଲେ, 'ମୁଁ ପୁରୁଷ ।' ରାଜକୁମାରୀ ତତ୍କ୍ଷଣାତ୍ ପଚାରିଲେ, 'ଏ ସଂସାରରେ ମାତ୍ର ଦୁଇଜଣ ପୁରୁଷ ଅଛନ୍ତି । ଜଣାନ୍ତୁ, ଆପଣ କେଉଁଠୁ ଆସି ପହଞ୍ଚିଲେ ?' ଏହାଙ୍କ ପାଖରେ ମଧ୍ୟ କୌଣସି ଉତ୍ତର ନଥିଲା । ସେ ନିଜର ସାଥୀମାନଙ୍କ ପାଖକୁ ଲେଉଟି ଆସିଲେ ଓ ସବୁକଥା କହିଲେ । ସମସ୍ତେ ତାଜୁବ୍ ହେଲେ । ତାପରେ ଚତୁର୍ଥ ପଣ୍ଡିତ ଠିଆହୋଇ କହିଲେ, 'ଏବେ ତ ମତେ ହିଁ ଯିବାକୁ ହେବ । ଦେଖିବା – କେତେ ଗଭୀର ପାଣିରେ ସେ ଅଛନ୍ତି !'

ଟିକିଏ ପରେ ସେ ସେହି ମାଗଣା ପଙ୍ଗତରେ ବସିଲେ ଓ ରାଜକୁମାରୀ ତାଙ୍କୁ କହିଲେ, 'ଏହା ସାଧୁସନ୍ଥଙ୍କ ପାଇଁ ଅଟେ । କୁହନ୍ତୁ, ଆପଣ କିଏ ?' ପଣ୍ଡିତ ଉତ୍ତର ଦେଲେ 'ମୁଁ ଜଣେ ମୂର୍ଖ ।' ରାଜକୁମାରୀ ସାଙ୍ଗେ ସାଙ୍ଗେ ପଚାରିଲେ, 'ଏ ସଂସାରରେ ମାତ୍ର ଦୁଇଜଣ ମୂର୍ଖ ଅଛନ୍ତି । ଏଥର କୁହନ୍ତୁ ଆପଣ କେଉଁଠୁ ଖସିଲେ ?' ୟା'ଙ୍କ ପାଖରେ ମଧ୍ୟ କୌଣସି ଉତ୍ତର ନଥିଲା । ସେ ନିଜର ସାଥୀମାନଙ୍କ ପାଖକୁ ଲେଉଟି ଆସିଲେ ।

ଏଥର ଚାରିଜଣଯାକ ରାଜକୁମାରୀଙ୍କ ପାଖରେ ପହଞ୍ଚିଲେ । ସେମାନେ ଏଇ ଚାରୋଟି ପ୍ରଶ୍ନର ଉତ୍ତର ଜାଣିବାକୁ ଚାହୁଁଥିଲେ । ସେତିକିବେଳକୁ ସିପେହିମାନଙ୍କ ସହିତ ଦେବାନ ଆସି ସେଠାରେ ପହଞ୍ଚିଲେ ଓ ଚାରିପଣ୍ଡିତଙ୍କୁ ଗିରଫ କରି ନେଇଗଲେ ।

କିଛିକ୍ଷଣ ପାଇଁ ରାଜକୁମାରୀ ସ୍ତବ୍ଧ ହୋଇ ରହିଗଲେ । ତା'ପରେ ରାଜାଙ୍କ ପାଖେ ପହଞ୍ଚି ଏହାର କାରଣ ପଚାରିଲେ । ରାଜା କହିଲେ, 'ଦେବାନ୍ ଜାଣିପାରିଲେ ଯେ ଇଏ ଚାରିଜଣ ଗୁପ୍ତଚର ଅଟନ୍ତି । ଆଉ କେଉଁ ରାଜ୍ୟରୁ ଗୁପ୍ତରେ ଖବର ନେବାକୁ ଆମ ରାଜ୍ୟକୁ ଆସିଛନ୍ତି । ଏମାନଙ୍କୁ ଫାଶୀଦଣ୍ଡ ମିଳିବ ।' ରାଜକୁମାରୀ କହିଲେ, 'ଠିକ୍ ଅଛି । ମାତ୍ର ଏମାନଙ୍କୁ ମୁଁ ଚାରୋଟି ପ୍ରଶ୍ନ ପଚାରିଥିଲି । ସେମାନେ ତାହାର ଉତ୍ତର ଦେଇପାରି ନଥିଲେ । ମୁଁ ସେଇ ପ୍ରଶ୍ନର ଉତ୍ତର ସମସ୍ତଙ୍କ ସାମନାରେ ଦେବାକୁ ଚାହୁଁଛି ।' ଏଥିରେ ରାଜାଙ୍କର ବା କ'ଣ ମନା କରିବାର ଥିଲା ?

ରାଜକୁମାରୀ ସଭା ଡାକିଲେ । ପଣ୍ଡିତମାନଙ୍କୁ ମଧ୍ୟ ଦରବାରରେ ହାଜର କରାଗଲା । ସେମାନଙ୍କ ହାତରେ ହାତକଡ଼ି ଓ ପାଦରେ ଶିକୁଳି ବନ୍ଧା ହୋଇଥିଲା । ସେମାନେ ମୁହଁ ପୋତି ଛିଡ଼ା ହୋଇଥିଲେ । ପ୍ରଥମେ ରାଜକୁମାରୀ ସେଇ ପ୍ରଶ୍ନ ପାରିଷଦମାନଙ୍କୁ ପଚାରିଲେ, କେହି ଉତ୍ତର ଦେଇପାରିଲେନି । ତା'ପରେ ରାଜକୁମାରୀ ନିଜେ ଉତ୍ତରଦେଲେ । ସେ କହିଲେ, 'ଏ ସଂସାରରେ ମାତ୍ର ଦୁଇଜଣ ବାଟୋଇ ଅଛନ୍ତି, ଜଣେ ସୂର୍ଯ୍ୟ, ଅନ୍ୟଜଣକ ଚନ୍ଦ୍ର ।' ସମସ୍ତେ କହିଲେ, 'ବାଃ ବାଃ' । ତା'ପରେ ରାଜକୁମାରୀ କହିଲେ, 'ଏ ସଂସାରରେ ମାତ୍ର ଦୁଇଜଣ ଗରିବ ଅଛନ୍ତି । ଗୋଟିଏ ଗାଈ ଅନ୍ୟଟି ନାରୀ ।' ସମସ୍ତେ କହିଲେ, 'ବାଃ' । ରାଜକୁମାରୀ ତୃତୀୟ ପ୍ରଶ୍ନର ଉତ୍ତରଦେଲେ, 'ଏ ସଂସାରରେ ମାତ୍ର ଦୁଇଜଣ ପ୍ରକୃତ ପୁରୁଷ ଅଛନ୍ତି । ଜଣେ ହେଲେ ଅର୍ଜୁନ । ଅନ୍ୟଜଣକ ଶ୍ରୀକୃଷ୍ଣ ।' ସମସ୍ତେ ପାଟିକରି କହିଲେ, 'ଅଦ୍ଭୁତ !' ଶେଷରେ ରାଜକୁମାରୀ କହିଲେ, 'ଏହି ସଂସାରରେ ମାତ୍ର ଦୁଇଜଣ ମୂର୍ଖ ଅଛନ୍ତି । ଜଣେ ହେଉଛନ୍ତି ରାଜା ଓ ଅନ୍ୟଜଣକ ତାଙ୍କ ଦେବାନ । କାରଣ ଏଇ ନିର୍ଦ୍ଦୋଷ ପଣ୍ଡିତମାନଙ୍କୁ ଗୁପ୍ତଚର ଭାବି ସେମାନେ ଫାଶୀ ଖୁଣ୍ଟରେ ଝୁଲାଇବାକୁ ଚାହୁଁଛନ୍ତି ।' ଏହା ଶୁଣି ରାଜଦରବାର ନିଃସ୍ତବ୍ଧ ହୋଇଗଲା । କ୍ଷଣକ ପାଇଁ ରାଜାଙ୍କ କ୍ରୋଧ ସପ୍ତମ ସ୍ତରରେ ପହଞ୍ଚିଗଲା । ମାତ୍ର ସେ ଶାନ୍ତିର ସହିତ ଭାବିଲେ ଓ ରାଜକୁମାରୀଙ୍କ ବୁଦ୍ଧିମତ୍ତାରେ ଗର୍ବ ଅନୁଭବ କଲେ । ରାଜକୁମାରୀ ତାଙ୍କୁ ବ୍ରହ୍ମହତ୍ୟା ପାପରୁ ବଞ୍ଚାଇ ଦେଲେ । ସଙ୍ଗେ ସଙ୍ଗେ ଚାରି ପଣ୍ଡିତଙ୍କୁ ମୁକ୍ତ କରି ସସମ୍ମାନ ବିଦା କରାଗଲା ।



# ସୁନା ଓ ରୁପା


ଜଣେ ଥିଲା ସୁନା । ଆଉ ଜଣେ ଥିଲା ରୁପା । ଦି'ଜଣଯାକ ଭାରି ସାଙ୍ଗ ଥିଲେ । ଖେଳିବା ପାଇଁ ସେମାନେ କେବେ କେବେ ହ୍ରଦ ପାଖକୁ ଯାଉଥିଲେ ତ କେତେବେଳେ ପାହାଡ଼ ପାଖକୁ । କେବେ ନଈକୂଳକୁ ଯାଉଥିଲେ ତ କେବେ କୁଦ ଉପରକୁ । ଥରେ ସେମାନେ ଲୁଚକାଳି ଖେଳିବା ପାଇଁ ବଣ ଆଡ଼କୁ ଗଲେ । ରୁପା ଲୁଚିଗଲା ଓ ସୁନା ତାକୁ ଖୋଜିବା ପାଇଁ ବାହାରିଲା । ଖୋଜୁ ଖୋଜୁ ସେ ବାଟ ଭୁଲିଗଲା । ବଣର ଛନ୍ଦାଛନ୍ଦି ରାସ୍ତାରେ ହଜିଗଲା । ସେ କାନ୍ଦିବାକୁ ଲାଗିଲା । ସେତିକିବେଳେ ଗୋଟେ ଧୂର୍ତ୍ତ ସାଧୁ ସେଇପଟେ ଯାଉଥିଲା । ସେ ସୁନାର ସୁନେଲି ବାଳ ଦେଖି ତାକୁ ଟେକି ନେଇଗଲା । ସୁନା ରଡ଼ି କରି ପାଟି କଲା । ହେଲେ ତା'ର ଚିତ୍କାର ଶୁଣିବାକୁ ସେଠି କେହି ନଥିଲେ । ସାଧୁ ଜଣକ ତାକୁ ଘନ ଜଙ୍ଗଲ ଭିତରକୁ ନେଇ ଗୋଟେ ଗଛ ଉପରେ ବସେଇଦେଲା । ସୁନା ନିଜେ ନିଜେ ଗଛରୁ ଯେମିତି ଓହ୍ଲାଇ ପାରିବନି କି ଆଉ କେହି ଯେମିତି ଗଛ ଉପରକୁ ଚଢ଼ି ନପାରିବେ, ସେଥିପାଇଁ ସାଧୁଟି ଗଛ ଗଣ୍ଡିରେ ଲହୁଣି ଘଷିଦେଲା । ସାଧୁ ସବୁଦିନ ଗାଁ ଭିତରକୁ ଭିକ୍ଷା ମାଗିବାକୁ ଯାଏ ଓ ଯାହା ମିଳେ ଖାଇବାକୁ ନେଇଆସେ । ବିଚାରୀ ସୁନା ଗଛ ଉପରେ ସାରାଦିନ ବସିଥାଏ । ବସି ବସି କାନ୍ଦେ । ସିଏ ବି ଆଉ କ'ଣ କରିପାରନ୍ତା ଯେ !

ସୁନାର ଗୋଟେ ଭାଇ ଥିଲା । ତା'ର ବିବାହ ପାଖ ଗାଁର ଝିଅଟିଏ ସହ ସ୍ଥିର ହୋଇଥିଲା । ଦୁହେଁ ବଡ଼ ହୋଇଗଲେ । ତେଣୁ ବାହାଘର ମଧ୍ୟ ଠିକ୍ ହୋଇଗଲା । ତା' ଭାଇ ବରଯାତ୍ରୀ ନେଇ କନ୍ୟା ଗାଁକୁ ବାହାରିଲା । କନ୍ୟାର ଗାଁ ବଣର ଆରପଟେ ଥିଲା । ରାସ୍ତାରେ ବରଯାତ୍ରୀମାନେ ଅଟକିଲେ ଏବଂ ଖାଇବା ପାଇଁ ଗୋଟେ ଗଛ ଛାଇରେ ବସିଲେ । ଇଏ ସେଇ ଗଛ ଥିଲା, ଯେଉଁଠି ସୁନା ବସି ବସି କଷ୍ଟେମଷ୍ଟେ ତା' ଦିନ

କାନ୍ଦୁଥିଲା । ସେ ତଳକୁ ଚାହିଁ ଆଶ୍ଚର୍ଯ୍ୟ ହୋଇଗଲା । ତଳେ ଥିଲା ତା'ର ଭାଇ । ସାଙ୍ଗ ରୁପା ବି ଥିଲା ।

ମାଆ ବାପା ବି ଥିଲେ । କେବଳ ସେତିକି ନୁହେଁ ; ସେମାନଙ୍କର ପୋଷା କୁକୁର ମୋତି ବି ବରଯାତ୍ରୀ ସହିତ ଥିଲା । ସେ ଲାଞ୍ଜୁଡ଼ ହଲେଇ ନାଚୁଥିଲା । ମୋତିକୁ ଦେଖି ତା'ର ମନ କାନ୍ଦ କାନ୍ଦ ହୋଇଗଲା । ସେ ବୋଲିଲା :

**ମୋତିରେ ମୋତି ଏଇଠି ବସି ମୁଁ କାନ୍ଦୁଚି ନିତି**
**ବରଯାତ୍ରୀ ହେଇ ଖାଇବ ତମେ ରସ ମଲେଇ**
**ପିଇବ କୋକାକୋଲା ଘୋଡ଼େଇ ହେବ ରେଜେଇ**
**ରୁପା ଓ ମୋତି ମୁଁ କିଆଁ କାନ୍ଦେ ଏଇଠି ବସି**
**ମୋତିରେ ମୋତି ଏଇଠି ବସି ମୁଁ କାନ୍ଦୁଚି ନିତି**



ଏକଥା ଶୁଣି ସମସ୍ତେ ଚିନ୍ତାରେ ପଡ଼ିଗଲେ । ଏ ସ୍ୱର କାହାର ହେଇପାରେ ? କିଏ କାନ୍ଦୁଛି ? ଏ ଜଙ୍ଗଲ ଭିତରେ ରୁପା ଓ ମୋତିକୁ କିଏ ମନେ ପକଉଛି ? କେହି କିଛି ବୁଝିପାରିଲେନି । ସୁନା ପୁଣି ଥରେ ବୋଲିଲା :

**ମୋତିରେ ମୋତି ଏଇଠି ବସି ମୁଁ କାନ୍ଦୁଚି ନିତି**
**ବରଯାତ୍ରୀ ହେଇ ଖାଇବ ତମେ ରସ ମଲେଇ**
**ପିଇବ କୋକାକୋଲା ଘୋଡ଼େଇ ହେବ ରେଜେଇ**
**ରୁପା ଓ ମୋତି ମୁଁ କିଆଁ କାନ୍ଦେ ଏଇଠି ବସି**
**ମୋତିରେ ମୋତି ଏଇଠି ବସି ମୁଁ କାନ୍ଦୁଚି ନିତି**

ଏଥର ରୁପା ସ୍ୱର ଜାଣିଗଲା । ସେ ଖୁସିରେ ପାଟି କରି ଉଠିଲା 'ସୁନା' ! ସମସ୍ତେ ଉପରକୁ ଚାହିଁଲେ । ଗଛ ଉପରେ ସୁନା ବସିଥିଲା । ସମସ୍ତଙ୍କର ଖୁସିର ସୀମା ରହିଲାନି । ବରବେଶ ହୋଇଥିବା ଭାଇ ମୋତିକୁ ସଙ୍କେତ ଦେଲା । ମୋତି ଚଟାପଟ୍ ଗଛ ଗଣ୍ଡିରେ ଲାଗିଥିବା ଲହୁଣିକୁ ଚାଟିଦେଲା । ଏଥର ଭାଇ ନିଜେ ଗଛ ଉପରକୁ ଚଢ଼ି ଗେଲ୍ହା ଭଉଣୀ ସୁନାକୁ ତଳକୁ ନେଇ ଆସିଲା । ସୁନା ରୁପା ଦୁହେଁ କୁଣ୍ଢାକୁଣ୍ଢି ହେଲେ । ଦି'ଜଣଯାକ ସାଙ୍ଗ ମିଶି ବହୁତ କନ୍ଦାକଟା କଲେ । ପୁଣି ବହୁତ ହସିଲେ । ତା'ପରେ ହସି ହସି ଗୀତ ଗାଇ ଗାଇ ବରଯାତ୍ରୀଙ୍କ ସାଙ୍ଗରେ ଚାଲିଲେ ।

ସନ୍ଧ୍ୟାବେଳକୁ ଭିକ୍ଷା ମାଗିସାରି ସାଧୁ ଯେତେବେଳେ ଫେରିଲା, ତା' ଉପରେ ବଜ୍ର ପଡ଼ିଲା ପରି ଲାଗିଲା । ସୁନା ଗାଏବ । ଗଛ ଉପରେ ଲାଗିଥିବା ଲହୁଣି ବି କିଏ ଚାଟି ଦେଇଛି । ସେ ରାଗରେ ନିଆଁ ବାଣ ହେଇ ଏପଟ ସେପଟ ଦେଖିଲା । ବରଯାତ୍ରୀଙ୍କ ଗାଡ଼ି ଓ ପାଦର ଚିହ୍ନ ଦେଖି ସେଇ ଦିଗରେ ଚାଲିଲା । ତିନିଘଣ୍ଟା ପରେ ସେ କନ୍ୟାଘର ଗାଁରେ ପହଞ୍ଚିଲା ଓ ଡାକଦେଲା :

**ସମସ୍ତେ ଶୁଣ**
**ଫେରେଇ ଦିଅ ମୋ ସୁନାକୁ**
**ନହେଲେ ମାରିବି ଠେଙ୍ଗାରେ**
**ସୁନାକୁ ମୋର ଦେଇଦିଅ**
**ନହେଲେ ଟାଙ୍ଗିଦେବି ଶୂଳିରେ**

ସୁନା ଦୂରରୁ ସେଇ ଧୂର୍ତ୍ତ ସାଧୁକୁ ଚିହ୍ନିଦେଲା । ରୁପାକୁ କହିଲା, 'ଇଏ ହେଉଛି ସେଇ ସାଧୁ ଯିଏ ମତେ ଉଠେଇ ନେଇଥିଲା ।' ରୁପା କହିଲା, 'ତୁ ଏବେ ଆଉ ଚିନ୍ତା କରନା । ମୁଁ ତାକୁ ଏମିତି ପାନେ ଦେବି ଯେ ସେ ନର୍କକୁ ଯାଇକି ବି ମନେ ପକଉଥିବ ।'


ସୁନାକୁ ଘରର ପଛପଟେ ଲୁଚାଇ ରଖି ସେ ସାଧୁ ପାଖକୁ ଆସି ପଚାରିଲା, 'ମହାତ୍ମା ! ଆପଣଙ୍କୁ ସୁନା ଦରକାର ନା ?' ସାଧୁ କହିଲା, 'ବର୍ତ୍ତମାନ ଦରକାର !' ରୁପା କହିଲା, 'ସାଙ୍ଗେ ସାଙ୍ଗେ ଆଣୁଛି । ଆପଣ ଖଟିଆ ଉପରେ ବସି ବିଶ୍ରାମ କରନ୍ତୁ । ଲଡୁପେଡ଼ା ଖାଉଥାଆନ୍ତୁ । ତା' ଭିତରେ ସୁନା ଆପଣଙ୍କ ସାମନାରେ ହାଜର ହୋଇଯିବ ।' ସାଧୁ ପ୍ରସନ୍ନ ଦେଖାଗଲା । କିନ୍ତୁ ଯେମିତି ଖଟିଆ ଉପରେ ସେ ବସିଛି, ଖଟିଆ ମଡ଼ମଡ଼ ହେଇ ଭାଙ୍ଗିଗଲା । ରୁପା ଖଟିଆଟିକୁ କୂଅ ଉପରେ ରଖିଦେଇଥିଲା । ଖଟିଆ ସହ ସାଧୁ କୂଅରେ ପଡ଼ିଲା ଏବଂ ବୁଡ଼ିଗଲା ।





# ନଦୀ ଲହୁଲୁହାଣ ହେଲା

ଉକୁଣିଟିଏ ଦିନେ ନଈକୁ ଗାଧୋଇ ଗଲା । ଗାଧୋଉ ଗାଧୋଉ ତା'ର ପେଟ ଫାଟିଗଲା । ରକ୍ତର ଧାର ବହିବାକୁ ଲାଗିଲା । ନଈପାଣି ଲାଲ୍ ହୋଇଗଲା । ସେତିକିବେଳେ କାଉଟିଏ ସେଠାକୁ ପାଣି ପିଇବା ପାଇଁ ଆସିଲା । ପାଣିର ରଙ୍ଗ ବଦଳି ଯାଇଥିବା ଦେଖି ସେ ପଚାରିଲା, 'ନଦୀ ଭାଇ, ନଦୀ ଭାଇ, ତମେ ଲହୁଲୁହାଣ କେମିତି ହେଲ ?'



ନଦୀ କହିଲା :

**ଉକୁଣିର ପେଟ ଫାଟିଲା**
**ନଦୀ ଲହୁଲୁହାଣ ହେଲା**
**ଆଉ କାଉ ହେଲା କଣା ...**

ଏତିକି ଶୁଣୁ ଶୁଣୁ କାଉ କଣା ହେଇଗଲା । ତା'ପରେ ସେ ଉଡ଼ିଯାଇ ଗୋଟେ ବବୁରି ଗଛ ଉପରେ ବସିଲା । ଗଛ ପଚାରିଲା, 'କାଉ କକା, କାଉ କକା ! ତମର ଗୋଟେ ଆଖି କେମିତି ଫ୍ୟୁଜ୍ ହେଇଗଲା ?' କାଉ କହିଲା :



**ଉକୁଣିର ପେଟ ଫାଟିଲା, ନଦୀ ଲହୁଲୁହାଣ ହେଲା**
**କାଉ କଣା ଆଉ ବବୁରି ହେଲା ଡେଡ଼ା ...**



ଏତିକି ଶୁଣୁଶୁଣୁ ବବୁରି ଗଛ ବଙ୍କା ହେଇଗଲା । ସେତିକିବେଳକୁ ବଢ଼େଇଟିଏ ବବୁରି ଗଛ କାଟିବା ପାଇଁ ଆସି ସେଠାରେ ପହଞ୍ଚିଲା । ସେ ପଚାରିଲା : 'ବବୁରି ବାବା, ତୁ ବଙ୍କା କେମିତି ହେଲୁ ?' ବବୁରି କହିଲା :

**ଉକୁଣିର ପେଟ ଫାଟିଲା**
**ନଦୀ ଲହୁଲୁହାଣ ହେଲା**
**କାଉ କଣା ଆଉ ବବୁରି ହେଲା ବଙ୍କା**
**ବଢ଼େଇ ହେଲା କେମ୍ପା ...**

ଏତିକି ଶୁଣୁ ଶୁଣୁ ବଢ଼େଇର ଗୋଟେ ହାତ କାମ କରିବା ବନ୍ଦ କରିଦେଲା । ତା'ପରେ ସେ ଦୋକାନକୁ ଗଲା । ଦୋକାନୀ ପଚାରିଲା, "ବଢ଼େଇ ପୁଅ, ତମେ କେମ୍ପା କେମିତି ହେଲ ?" ବଢ଼େଇ କହିଲା :

**ଉକୁଣିର ପେଟ ଫାଟିଲା**
**ନଦୀ ଲହୁଲୁହାଣ ହେଲା**
**କାଉ କଣା ଆଉ ବବୁରି ହେଲା ବଙ୍କା**
**ବଢ଼େଇ ହେଲା କେମ୍ପା**
**ବଣିଆ ହେଲା କାଲା ...**

ଏତିକି ଶୁଣୁ ଶୁଣୁ ବଣିଆର ଦି'କାନ ଅକାମୀ ହେଇଗଲା । ଟିକିଏ ପରେ

ଗଉଡୁଣୀଟିଏ ତେଲ କିଣିବା ପାଇଁ ଆସିଲା । ସେ ବଡ଼ପାଟିରେ ପଚାରିଲା, 'ଶେଠ୍‌ଜୀ, ଶେଠ୍‌ଜୀ ! ଆପଣ କାଳା କେମିତି ହେଲେ ?' ବଣିଆ କହିଲା :

**ଉକୁଣିର ପେଟ ଫାଟିଲା**
**ନଦୀ ଲହୁଲୁହାଣ ହେଲା**
**କାଉ କଣା ଆଉ ବବୁରି ହେଲା ବଙ୍କା**
**ବଢ଼େଇ କେମ୍ପା ବଣିଆ ହେଲା କାଳା**
**ଆଉ ଗଉଡୁଣୀ ନାଚିଲା ଝୁମୁରୁ-ଝୁମୁରୁ**

ଏତିକି ଶୁଣୁ ଶୁଣୁ ଗଉଡୁଣୀ ନାଚିବାକୁ ଲାଗିଗଲା । ନାଚିନାଚି ସେ ରାଣୀଙ୍କ ପାଖେ ପହଞ୍ଚିଲା । ରାଣୀ ପଚାରିଲେ, 'ଗଉଡୁଣୀ, ଗଉଡୁଣୀ ତୁ ନାଚୁଛୁ କାହିଁକି ?' ଗଉଡୁଣୀ କହିଲା :

**ଉକୁଣିର ପେଟ ଫାଟିଲା, ନଦୀ ଲହୁଲୁହାଣ ହେଲା**
**କାଉ କଣା ଆଉ ବବୁରି ହେଲା ବଙ୍କା**
**ବଢ଼େଇ ହେଲା କେମ୍ପା, ବଣିଆ ହେଲା କାଳା**
**ଗଉଡୁଣୀ ହେଲା ନାଚୁଣୀ ରାଣୀ ହୋଇଲେ ଦାସୀ**

ଏତିକି ଶୁଣୁ ଶୁଣୁ ରାଣୀ ଦାସୀ ହୋଇଗଲେ । ଆଉ ରାଜା ନିଜ ମୁଣ୍ଡ ବାଡ଼େଇଦେଲେ ।





## ବୁଦ୍ଧି ନା ବଳ

ଜଣେ ବ୍ୟବସାୟୀ ଥିଲେ । ଦିନେ ସେ ଗାଁକୁ ଯିବାକୁ ବାହାରିଲେ । ରାସ୍ତାରେ ସେ ଚାରିଜଣ ଚୋର ଦେଖିଲେ । ସେ ଭାବିଲେ ... କୌଣସି ପ୍ରକାରେ ଏଇ ଚାରିଜଣଙ୍କୁ ଚକ୍‌ମା ଦେବା ଦରକାର, ନହେଲେ ମୁଁ ଏକା ଆଉ ଏମାନେ ହେଉଛନ୍ତି ଚାରିଜଣ । ଗୋଟିଏ ଚାପୁଡ଼ା ଦେଇ ମତେ ଲୁଟିନେବେ ତ ମୋର ମୁଣ୍ଡ ତଳକୁ ହୋଇଯିବ । ଲୋକେ କହିବେ ବଣିଆର ବୁଦ୍ଧିଠୁ ମଇଁଷିର ବଳ ବଡ଼ । ଏଇ ସମୟ ମଧରେ ଚୋରମାନେ ବ୍ୟବସାୟୀ ପାଖରେ ପହଞ୍ଚିଗଲେ । ବ୍ୟବସାୟୀ ଯେଉଁ ଗଛ ଛାଇରେ ଛିଡ଼ା ହୋଇଥିଲେ, ସେଇ ଗଛକୁ ଆଉଜି ବସିପଡ଼ିଲେ । ପୁଣି କହିଲାଗିଲେ, "ମୋର ବାରଜଣ ସାଙ୍ଗ । କେତେ ? ପୂରା ବାରଜଣ । ସେମାନେ ପଛରେ ରହିଗଲେ । ସେମାନଙ୍କ ବାଟ ଚାହିଁ ଚାହିଁ ମୁଁ ଥକିଗଲିଣି । ଆଉ ଅଳପ ସମୟ ଅପେକ୍ଷା କରି ମୁଁ ତ ଆଗକୁ ଚାଲିବି । କିଏ ଆଉ କେତେ ଅପେକ୍ଷା କରିବ ?" ଏକଥା ଶୁଣି ଚୋରଙ୍କ ସର୍ଦ୍ଦାର ପଚାରିଲା, "ତମର ବାରଜଣ ସାଙ୍ଗ କିଏ କିଏ ?"

ବ୍ୟବସାୟୀ ଚଟାପଟ ଗର୍ବର ସହିତ ଉତ୍ତରଦେଲେ :

**ପୂଜାରୀ, ରୋଷେୟା, ପାଣିବାଲା ହେଲେ ତିନି**
**ତେଲି, ପାନବାଲା, ଠକ ମିଶି ଛଅ**
**ଏରା–ଗୈରା ଓ ନଥୁ ଖୈରା ହେଲେ ନଅ**
**ଦାରା ସିଂହ, ପାହାଡ଼ ସିଂହ, ମିଲ୍‌ଖା ସିଂହ ମିଶି ବାଆର**

ଏହା ଶୁଣି ଏଇ ଚାରିଜଣଙ୍କ ଅବସ୍ଥା ବାରଣ୍ଡା ଦି'କଡ଼ା । ସେମାନେ ଭାବିଲେ ଯେ ବ୍ୟବସାୟୀର ସାଥୀ ହେଉଛନ୍ତି ବାରଜଣ ଆଉ ଆମେ ମାତ୍ର ଚାରି । ସେମାନଙ୍କ ସାମନାରେ



ଆମର ପଟି କାମ କରିବନି । ବରଂ ସେମାନେ ଆମକୁ ଏମିତି ପିଟିବେ ଯେ ଦିନରେ ବି ଆମକୁ ତାରା ଦେଖାଯିବ । ଆମ ଭିତରୁ କାହାର ଗୋଡ଼ ଭାଙ୍ଗିବ ତ କାହାର ହାତ । କାହାର ତାଳୁ ଫାଟିତ ତ କାହାର କପାଳ । ଏଇୟା ଭାବି ଚୋରମାନେ ସେଠାରୁ ପଳାଇଲେ ଏବଂ ବ୍ୟବସାୟୀ ନିଜ ଗାଁ ଆଡ଼କୁ ଚାଲିଲେ ।






# ଚୋର ପାଇଲା ପାନେ

ଗୋଟେ ଚୋର ଥିଲା । ଠକଙ୍କ ସର୍ଦାର । ସେ ସବୁଦିନ ଜଣେ ଚାଷୀର ଘରେ ପଶେ । ଚାଷୀ ତ ତା' ସ୍ତ୍ରୀ ସହିତ କ୍ଷେତକୁ ଯାଇଥାଏ । ତେଣୁ ଚୋରଟି ଆରାମରେ ଚୁଲି ଉପରେ ଥୁଆ ହୋଇଥିବା ହାଣ୍ଡି ଭାଙ୍ଗି ସବୁ ଚାଟିଚୁଟି ଖାଇଦେଇ ପଳାଏ । ଲକ୍ଷେ ଚେଷ୍ଟାକରି ମଧ ସେ ଧରାପଡୁ ନଥାଏ ।

ପ୍ରକୃତରେ ୟେ' ଚୋରଟି କିଏ ? ଦିନେ ଚାଷୀଟି କ୍ଷେତକୁ ଗଲା ନାହିଁ । ସେ ଦିନସାରା ଗୋଟେ ଗଛ ଆଢୁଆଳରେ ଲୁଚି ରହିଲା । ଦି'ପହର ହେଲା । ଥିରି ଥିରି ପାଦ ପକେଇ ଗୋଟେ ଶିଆଳ ଆସିଲା । ଛାତ ଉପରେ ଚଢ଼ି କିଛି ଟାଇଲ୍ ଖସେଇଲା ଓ ଭିତରକୁ ଡେଇଁ ପଡ଼ିଲା । ତାପରେ ହାଣ୍ଡି ଭାଙ୍ଗିଲା । ଖାଦ୍ୟତକ ଖାଇଲା । ଚାଷୀଟି ସବୁ ଦେଖିଲା ଆଉ ମନକୁ ମନ କହିଲା ... ତା'ହେଲେ ଏଇ ହେଉଛି ଚୋର ନମ୍ବର ୱାନ୍ ! ମୁଁ ତାକୁ ଯଦି ଭଲକି ପାନେ ନଦେଇଛି ତା'ହେଲେ ମୋ ନାଁ ବି ହଳଦେବ ବଳଦେବ




ହଳାହଳ ନୁହଁ ।

ଶିଆଳ ଯେମିତି ହେଉଡ଼ି ମାରି ବାହାରକୁ ଆସିଲା, ଚାଷୀଟି ତାକୁ ଜାଲ ପକେଇ ଧରି ଗଛ ଉପରେ ମୁହଁ ଓହଳେଇ ବାନ୍ଧିଦେଲା । ତାପରେ ସେ ତା'ର ସ୍ତ୍ରୀକୁ କହିଲା, 'ଚମ୍ପାବତୀ ! ଶୁଣୁଚ ! ଆଜି ଆମେ ଏଇ ଶିଆଳକୁ ଲଙ୍କାମରିଚ ଜଳଖିଆ ଦେବା । ତା ଆଖିରେ ଲଙ୍କାର କଜଳ ପିନ୍ଧେଇଦେବା ଆଉ ଲଙ୍କା ସରବତ ବି ପିଆଇବା । ଯାହାହେଲେ ବି ଆମ କୁଣିଆ ନା !'

ଚାଷୀଟି ଲଙ୍କା କିଣିବା ପାଇଁ ବଜାରକୁ ଗଲା । ଆଉ ଇଆଡ଼େ ଜାଣ ଶିଆଳର ହୋସ୍ ଉଡ଼ିଲା । ତଥାପି ସେ ବୁଦ୍ଧି ଖଟେଇଲା । ଭାବିଲା ଇଏ ମତେ ଲଙ୍କା ଖୁଆଇ ଖୁଆଇ ମାରିବ । ତେଣୁ ତା' ପୂର୍ବରୁ ମତେ କିଛି ଗୋଟେ ଉପାୟ କରିବାକୁ ହେବ । କାଳେ ପ୍ରାଣଟା ବଞ୍ଚିଯିବ !

ଚମ୍ପାବତୀ ଧାନ କୁଟୁଥିଲା । କୁଟଣଟାକୁ ଏ ହାତ ସେ ହାତ କରି ଧାନ କୁଟି କୁଟି ସେ ହାଲିଆ ହୋଇପଡ଼ିଥିଲା । ଏକଥା ଦେଖି ଶିଆଳ କହିଲା, 'ମାଉସୀ, ଆପଣ କାହିଁକି ଏତେ ବ୍ୟସ୍ତ ହେଉଛନ୍ତି ? ମୁଁ ଧାନ କୁଟିଦେବି । ମୋର ତ କୁଟିବା ଅଭ୍ୟାସ ଅଛି ନା !'

ଚମ୍ପାବତୀ ଥିଲା ଭାରି ସରଳ ।



ସେ ଧୂର୍ତ୍ତ ଶିଆଳ କଥାରେ ପଡ଼ିଗଲା ଓ ଦଉଡ଼ି ଖୋଲିଦେଲା । ଶିଆଳ ଖାଲି ଦେଖେଇବା ପାଇଁ ଧାନ କୁଟିବାକୁ ବସିପଡ଼ିଲା । ଯେମିତି ଚମ୍ପାବତୀ କିଛି ଗୋଟେ କାମରେ ଭିତରକୁ ଯାଇଛି ; ଶିଆଳ ମାରିଲା ଚମ୍ପଟ୍ ! ଶିଆଳ ପଳେଇବା ଦେଖି ଚମ୍ପାବତୀ ଝରଝର କାନ୍ଦିବାକୁ ଲାଗିଲା । 'ହେ ଭଗବାନ ! କ'ଣ କରିବି ଏବେ ? ସେ ଲଙ୍କା ନେଇ ଆସିଲାବେଳକୁ କ'ଣ କହିବି ତାଙ୍କୁ ?'

ମୂଷାଟିଏ ତା'ର କାନ୍ଦଣା ଶୁଣି ନିଜ ଗାତରୁ ବାହାରିଆସିଲା ଓ କହିଲା, 'ମାଉସୀ ! ଏଥିରେ କାନ୍ଦିବାର କ'ଣ ଅଛି ? ମୁଁ ତାକୁ ସାଙ୍ଗେ ସାଙ୍ଗେ ଧରିକି ଆଣୁଛି ।' ଚମ୍ପାବତୀ କହିଲା, 'ପୁଅରେ ତୁ ତାକୁ ଧରି ଆଣିଲେ ତୋର ବଡ଼ ମଙ୍ଗଳ ହେବ । ମୁଁ ତତେ ସବୁଦିନ ରାବିଡ଼ି ଖୁଆଇବି ।'

ମୂଷା କହିଲା, 'ତା'ହେଲେ ତମେ ମୋ ଲାଙ୍ଗୁଡ଼ରେ ଗୋଟେ ଟୋକେଇ ବାନ୍ଧିଦିଅ ଆଉ ତା' ଭିତରେ କିଛି ଫଳ ରଖିଦିଅ ।' ଚମ୍ପାବତୀ ତୁରନ୍ତ ତା' ଲାଙ୍ଗୁଡ଼ରେ ଟୋକେଇଟେ ବାନ୍ଧି ତା' ଭିତରେ କିଛି ବଛା ବଛା ଫଳ ରଖିଦେଲା ।


ଏଥର ମୂଷା ବାହାରିପଡ଼ିଲା ଶିଆଳକୁ ଖୋଜିବାକୁ । ଅଳ୍ପ ସମୟ ମଧ୍ୟରେ ସେ ଶିଆଳର ଗୁମ୍ଫା ବି ଖୋଜିକି ପାଇଗଲା । ଭିତରେ ଶିଆଳ ଶୋଇଥିଲା । ଡରରେ ସେ ଗୁମ୍ଫା ବାହାରକୁ ଆସୁନଥିଲା । ଚାଷୀ ତାକୁ ଖୋଜି ଖୋଜି ଆସି ପୁଣିଥରେ ଯଦି ତାକୁ ଧରି ଗଛରେ ବାନ୍ଧିଦିଏ ! ତା'ହେଲେ ? କିନ୍ତୁ ଶିଆଳକୁ ଭାରି ଭୋକ ଲାଗୁଥିଲା । ସେତିକିବେଳକୁ ଟୋକେଇ ଘୋଷାରି ଘୋଷାରି ମୂଷା ଗୁମ୍ଫା ଦୁଆରେ ପହଞ୍ଚିଗଲା । ଟୋକେଇରେ ବଢ଼ିଆ ସେଓ ଓ ଅଙ୍ଗୁର ଥିଲା । ଆତ ଆଉ ନେଉଆ ବି ଥିଲା । ଶିଆଳର ଲାଳ ଗଡ଼ିଲା । ସେ ଟିକେ ପାଖକୁ ଆସି ଦେଖେ ତ ମୂଷା ବି ତା' ନଜରରେ ପଡ଼ିଲା । ସେ ସାଙ୍ଗେ ସାଙ୍ଗେ କହିଲା, 'ମୂଷିକ ମହାରାଜ ! ମତେ ଦି' ଚାରିଟା ସେଓ ଦେବ । ଭୋକରେ ପେଟ ଆଉଟି ପାଉଟି ହେଲାଣି ।' ମୂଷା କହିଲା, 'ଏମିତି ଲାଲ୍ ଟହଟହ ସେଓ ମାଗଣାରେ କିଏ ଦିଏ ? ତୁମେ ମୋର ଗୋଟେ କାମ କରିଦିଅ । ମୁଁ ତୁମକୁ ଦୁଇଟା ସେଓ ଦେବି । ଦୁଇଟା କାମ କରିଦେବ ତ ଚାରିଟା ସେଓ ଦେବି । ଚାରିଟା କାମ ...' ଶିଆଳ ତାକୁ ରୋକିଦେଲା, 'ପ୍ରଥମେ କହ ତ କାମଟା କ'ଣ ?' ମୂଷା କହିଲା, 'ମତେ ଗୋଟେ ବିଡ଼ା ଛଣ ଦରକାର । ତମେ ତାକୁ ନିଜ ପିଠିରେ ଲଦି ମୋ ଘରେ ପହଞ୍ଚେଇ

ଦିଅ ।' ଶିଆଳ କହିଲା, 'ଠିକ୍ ଅଛି ।' ତୁରନ୍ତ ତା' ପିଠିରେ ଛଣବିଡ଼ା ଲଦି ଦୁହେଁ ଚାଲିଲେ । ମୂଷା ଆଗେ ଆଗେ ଯାଉଥିଲା । ଶିଆଳ ତା' ପଛେ ପଛେ ।

କିଛି ଦୂର ଯାଇ ମୂଷା ଦି'ଟା ପଥର ଆଣି ଘଷିବାକୁ ଲାଗିଲା । ଶିଆଳ ପଚାରିଲା, 'ମୂଷା ମହାରାଜ ! ଆପଣ ଇଏ କ'ଣ କରୁଛନ୍ତି ?' ମୂଷା କହିଲା, 'ଯାଦୁଖେଳ ଦେଖଉଛି । ଦେଖ ପଥରକୁ ଘଷିଲେ କେମିତି ନିଆଁ ଝୁଲ ବାହାରୁଛି । ଫୁଲଝରି ଭଳି ମଜା ଲାଗୁଛି ।' ସେତିକିବେଳେ ନିଆଁଝୁଲଟିଏ ଛଣବିଡ଼ା ଉପରେ ପଡ଼ିଲା । ଛଣ ଧୂ ଧୂ ହୋଇ ଜଳିଉଠିଲା । ତା' ସହିତ ଶିଆଳର ଲାଙ୍ଗୁଡ଼ ବି ପୋଡ଼ିଗଲା । ସେ ଚିତ୍କାରକଲା, 'ପୋଡ଼ିଗଲା । ମୋ ଲାଞ୍ଜ ପୋଡ଼ିଗଲା । ବଞ୍ଚାଅ । ବଞ୍ଚାଅ !' ମୂଷା ରାଗିକି କହିଲା, 'ଏଥିରେ ରଡ଼ି କରିବାର କ'ଣ ଅଛି । ତମର ଲାଙ୍ଗୁଡ଼ ପୋଡ଼ିଗଲା । ତମେ ତ ପୋଡ଼ିଯାଇନ ?' ରଡ଼ି କରି ଶିଆଳ ଏମିତି ଦୌଡ଼ିଲା ଯେ ସିଧା ଯାଇ ପୋଖରୀକୁ ଡେଇଁ ପଡ଼ିଲା ।

କିଛି ସମୟ ପରେ ମୂଷା ବଇଦ ହେଇ ବାହାରିଲା । ଗୁମ୍ଫା ବାଟଦେଇ ଗଲାବେଳେ ସେ କହୁଥିଲା :

**ଦାନ୍ତର ହେଉ କି ଅନ୍ତନାଡ଼ିର, ସବୁ କଷ୍ଟ କରିଦିଏ ଦୂର**
**ଭୂତ ହେଉ କି ପ୍ରେତ, ସବୁକୁ କରେ ନିପାତ**





**ମୁଁ ବଇଦ ଲୁକମାନର ଜୋଇଁ**
**ମନ ପୋଡୁ କି ଲାଞ୍ଜ ପୋଡୁ ସବୁର ଔଷଧ ରଖିଛି ମୁଇଁ**

ଏକଥା ଶୁଣି ଶିଆଳ ବାହାରକୁ ଆସିଲା ଏବଂ କହିଲା, 'ମିଆଁ, ଔଷଧ ଦେବ ?' ମୂଷା କିଛି ନଜାଣିଲା ପରି ପଚାରିଲା, 'କୋଉ ଔଷଧ ଦରକାର ?' ଶିଆଳ କହିଲା, 'ପୋଡ଼ାଘାଆ ଉପରେ ଲଗେଇବା ପାଇଁ ଔଷଧ !' ମୂଷା କହିଲା, 'ଏଇ ମଲମ ନିଅ ।' ଶିଆଳ ଖୁସି ହୋଇଗଲା । ତାକୁ କ'ଣ ଜଣାଥିଲା ଯେ ସେ ମଲମ ଲଙ୍କାଗୁଣ୍ଡରେ ତିଆରି ହୋଇଛି ବୋଲି ! ଯେମିତି ଲଗେଇଛି ସେ ପୁଣିଥରେ ରଡ଼ିକଲା, 'ଆରେ, ଇଏ କି ମଲମ । ଯାହା ଫୋଟକା ଉପରେ ଲୁଣ ଲଗେଇଲା ଭଳି ହେଉଛି !' ମୂଷା କହିଲା, 'ଏଇଟା ସ୍ପେଶାଲ ମଲମ ! ଏଥିରୁ ଦି'ଟା ଡବା କିଣିଲେ, ଗୋଟେ ଡବା ମାଗଣା ।' ଶିଆଳ କାନ୍ଦି କୁନ୍ଥେଇ ଏମିତି ଦୌଡ଼ିଲା ଯେ ସିଧା ଯାଇ ନଦୀରେ ବସିପଡ଼ିଲା ।

କିଛି ସମୟ ପରେ ମୂଷା ବି ସେଠାରେ ପହଞ୍ଚି ଗୋଟେ କାଠ କାଟିବାରେ ଲାଗିଲା । ଶିଆଳ କହିଲା, 'ମୂଷା ମହାରାଜ ! କିଛି ଖାଇବାକୁ ମିଳିବ ?' ମୂଷା ଜଣାଇଲା, 'ସେଇଥିପାଇଁ ତ ମୁଁ ଡଙ୍ଗା ତିଆରି କରୁଛି । ଆମେ ନଦୀ ସେପଟକୁ ଯିବା ତ ସେଠି ଚିକେନ ଫ୍ରାଇ, ଚିକେନ ଟିକ୍କା, ଚିକେନ ବିରିଆନି, ଚିକେନ କବାବ, ଚିକେନ ମୋଗଲାଇ, ଚିକେନ ତନ୍ଦୁରୀ ମିଳିବ ।' ଶିଆଳର ଲାଳ ଗଡ଼ିଲା । କହିଲା, 'ତା'ହେଲେ ମତେ ବି ଡଙ୍ଗା ତିଆରି ଶିଖେଇ ଦିଅ ନା !' ମୂଷା କହିଲା, 'କାଠର ଡଙ୍ଗା ତିଆରି କରିବା ଟିକେ ମୁସ୍କିଲ୍ । ତମେ ଘାସରେ ଡଙ୍ଗା ତିଆରି କର ।' ଶିଆଳ ଘାସରେ ଡଙ୍ଗା ତିଆରି କଲା ଓ ମୂଷା କାଠରେ ତିଆରି କଲା । ଦି'ଜଣଯାକ ନିଜ ନିଜ ଡଙ୍ଗା ପାଣିରେ ଭସେଇଲେ । କିଛି ଦୂର ଯାଇ ଘାସ ଡଙ୍ଗା ବୁଡ଼ିଗଲା । ଶିଆଳ ପାଣିରେ ବୁଡ ଖାଇବାରେ ଲାଗିଲା । କାଠ ଡଙ୍ଗା ପାଣିରେ ଭାସୁଥିଲା ଆଉ ମୂଷା ତା' ଉପରେ ନାଚୁଥିଲା । ଅଳ୍ପ କିଛି ମିନିଟ୍‌ରେ ଶିଆଳ ଅଧମରା ହୋଇଗଲା । ମୂଷା ତା' ବେକରେ ଦଉଡ଼ି ଲଗାଇ ତାକୁ ଘୋଷାରି ଘୋଷାରି ଚାଷୀର ଘରଯାଏ ନେଇ ଆସିଲା । ତା'ପରେ ଚାଷୀର ସ୍ତ୍ରୀ ଚମ୍ପାବତୀକୁ କହିଲା, 'ମାଉସୀ ତମର ସେବା କରିବା ପାଇଁ ଚୋର ନମ୍ବର ୱାନ ହାଜର । ଏଥର ତମେ ଆଉ କାନ୍ଦ ନାହିଁ ।'




## ନଳଦେବ ଓ ଜଳଦେବ

ତେଲୁଣୀଟିଏ ଥିଲା । ଦିନେ ତା'ର ଲଡୁ ଖାଇବାକୁ ଭାରି ଇଚ୍ଛା ହେଲା । ଭଲ ଗୁଆ ଘିଅ ଦେଇ ସେ ବୁନ୍ଦିଆ ଲଡୁ ତିଆରି କଲା । କିଛି ସମୟ ପରେ ତେଲୀ ଘରକୁ ଆସିଲା ଓ ଖାଇବାକୁ ବସିଲା । ତେଲୁଣୀ ବିରିଡାଲି ସାଙ୍ଗରେ ରୁଟି ବାଢ଼ିଦେଲା । ସେତିକିବେଳେ ତେଲୀର ଆଖି ଲଡୁ ଉପରେ ପଡ଼ିଗଲା । ସେ କହିଲା, 'ବାଃ ମୁଁ ରୁଟି ଡାଲି ଖାଇବି ତ ୟେ' ଲଡୁ କିଏ ଖାଇବ ?' ତେଲୁଣୀ କହିଲା, 'ୟା'କୁ ତ ମୁଁ ନଳଦେବଙ୍କ ପାଇଁ ଭୋଗ ତିଆରି କରିଛି ।' ଏବଂ ଦେଖୁଦେଖୁ ସେ ସବୁଲଡୁ ସଫା କରିଦେଲା । ତେଲୀ ଭାବିଲା ... ଇଏ ମୁନାର ମାଆ ନା ଖାଉ ଗଳିର ଖାଉ ? ଭୋଗ ଲଡୁରୁ ମତେ ଗୋଟେ ବି ଦେଲାନି । ଠିକ୍ ଅଛି । ସେ ଡାଳେ ଡାଳେ ତ ମୁଁ ପତ୍ରେ ପତ୍ରେ ।



ତା'ପରଦିନ ତେଲୀ କହିଲା, 'ଆଜି ମତେ ଜଳଦେବଙ୍କୁ ଭୋଗ ଦେବାକୁ ହେବ । କ'ଣ ତିଆରି କରିବୁ ?' ତେଲୁଣୀ ଖୁସି ହୋଇ କହିଲା, 'ମୋଦକ !' ଏଥର ସେ ଭଲ ଗୁଆ ଘିଅ ସାଙ୍ଗରେ ପିସ୍ତା ବାଦାମ କେସର ଇତ୍ୟାଦି ପକାଇ ମୋଦକ ଲଡୁ ତିଆରି କଲା । ସେ ଜାଣିଥିଲା ଯେ ପତିଦେବ ତ ତାକୁ ନିଶ୍ଚୟ ଦି'ଚାରିଟା ଦେବେ । ସେଇ ହେତୁରୁ ସେ ନିଜ ପାଇଁ ବି ଆଉ କିଛି ରୋଷେଇ କଲାନି । ଏଥର ତେଲୀ ଖାଇବାକୁ ବସିଲା । ସେ ଟାକରା ଫୁଟାଇ ମୋଦକ ଲଡୁ ଖାଉଥିବାର ଦେଖି ତେଲୁଣୀ କହିଲା, 'ମତେ ବି କିଛି ଦିଅନା !' ତେଲୀ କହିଲା, 'ତୁ ଦୂରରେ ରହ । ପାଖକୁ ଆସିଲେ ମୋ ଜଳ ଦେବ ନୈବେଦ୍ୟ ସ୍ୱୀକାର କରିବେ ନାହିଁ ।' ତେଲୀ ଏକା ଏକା ସବୁତକ ମୋଦକ ଲଡୁ ଶେଷ କରିଦେଲା ଓ ତେଲୁଣୀ ଆଁଟା କରି ଦେଖୁଥିଲା ।





# ଓଟର ପାଦ ଶଢ଼ିଗଲା

ପିମ୍ପୁଡ଼ିଟିଏ ଥିଲା । ସେ ତା'ର ମନଖୁସିରେ ଯାଉଥିଲା । ରାସ୍ତାରେ ଓଟ ତା' ଉପରେ ପାଦ ପକେଇଲା । ଏଡ଼ିକି ଟିକିଏ ପିମ୍ପୁଡ଼ି ସେ । ତା'ର ଅଧା ଜୀବନ ପଳେଇଲା । ବାକି ଅଧା ଜୀବନ ଯାଉ ଯାଉ ସେ ଓଟକୁ ଅଭିଶାପ ଦେଲା –

**ଓଟର ପାଦ ଶଢ଼ିଯାଉ**

ସାଙ୍ଗେ ସାଙ୍ଗେ ଓଟର ଗୋଡ଼ ଶଢ଼ିଗଲା । ଶଢ଼ିଯାଇଥିବା ଗୋଡ଼କୁ ନେଇ ଓଟ ଗୋଟେ ଓସ୍ତଗଛ ଛାଇରେ ବସିଲା । ଓସ୍ତ ପଚାରିଲା, 'କ'ଣ କିଓ, ତମର ଗୋଡ଼ କେମିତି ଶଢ଼ିଲା । କାଲି ତ ଭାରି ଚଙ୍ଗା ଥିଲା । ହଠାତ୍ କ'ଣ ହେଇଗଲା ?' ଓଟ କହିଲା, 'ମୋ ଉପରେ ପିମ୍ପୁଡ଼ି ନାନୀର ଅଭିଶାପ ପଡ଼ିଛି –

**ଓଟର ପାଦ ଶଢ଼ିଯାଉ**
**ଓସ୍ତର ପତ୍ର ଝଡ଼ିଯାଉ**

ସାଙ୍ଗେ ସାଙ୍ଗେ ଓସ୍ତଗଛର ସବୁ ପତ୍ର ଝଡ଼ି ପବନରେ ଉଡ଼ିବାକୁ ଲାଗିଲା । ସେତିକିବେଳେ ସେଠାକୁ ଗୋଟେ ଚଢ଼େଇ ଆସିଲା । ଓସ୍ତଗଛରେ ଗୋଟେ ବି ପତ୍ର ନଦେଖି ସେ ପଚାରିଲା, 'ଓସ୍ତ ଭାଇ, ଏଇ ସାଙ୍ଗେ ସାଙ୍ଗେ ତ ତମର ଶାଗୁଆ ପତ୍ରସବୁ ଖେଳୁଥିଲେ । ଆଖି ପିଛୁଳାକେ ଏସବୁ କ'ଣ ଗଜବ ହେଇଗଲା ? ସବୁଯାକ ପତ୍ର କେମିତି ଝଡ଼ିଗଲା ? ଓସ୍ତ କହିଲା, 'ତମେ ଜାଣିନ କି ଚଢ଼େଇ ମାଉସୀ ! ମୋ ଉପରେ ପିମ୍ପୁଡ଼ି ନାନୀର ଅଭିଶାପ ପଡ଼ିଛି –


**ଓଟର ପାଦ ଶଢ଼ିଯାଉ**
**ଓସ୍ତର ପତ୍ର ଝଡ଼ିଯାଉ**
**ଚଢ଼େଇର ପର ଖସିଯାଉ**

ସାଙ୍ଗେ ସାଙ୍ଗେ ଚଢ଼େଇର ପର ସବୁ ଖସିଗଲା । ସେ ନିରାଶ ହୋଇଗଲା । ତାକୁ ଭାରି ଶୋଷ ଲାଗୁଥିଲା । ଭାରି କଷ୍ଟରେ ପାହୁଣ୍ଡ ପକେଇ ପକେଇ ହଲି ହଲି ଗୋଟେ ହ୍ରଦ କୂଳରେ ପହଞ୍ଚିଲା । ଚଢ଼େଇର ପର ନଥିବାର ଦେଖି ସେ ଚିନ୍ତାରେ ପଡ଼ିଗଲା । ପଚାରିଲା, 'ଚଢ଼େଇ ମାଉସୀ, ମୁଁ ଯେ' କ'ଣ ଦେଖୁଛି ? ଏଇ ମାତ୍ର ଘଣ୍ଟେ ଆଗରୁ ତମେ ଏଠିକୁ ପାଣି ପିଇବାପାଇଁ ଉଡ଼ି ଉଡ଼ି ଆସିଥିଲ । କିଏ ତମର ପର କାଟିଦେଲା ?'

ଚଢ଼େଇ କହିଲା, 'ତମେ ଜାଣିନ କି ଭାଇ ହ୍ରଦ ! ମୋ ଉପରେ ପିମ୍ପୁଡ଼ି ନାନୀର ଅଭିଶାପ ପଡ଼ିଛି –

**ଓଟର ପାଦ ଶଡ଼ିଯାଉ**
**ଓସ୍ତର ପତ୍ର ଝଡ଼ିଯାଉ**
**ଚଢ଼େଇର ପର ଖସିଯାଉ**
**ଗୋଟାକଯାକ ହ୍ରଦ ଶୁଖିଯାଉ'**

ସାଙ୍ଗେ ସାଙ୍ଗେ ହ୍ରଦର ପାଣିତକ ଶୁଖିଗଲା । କିଛି ସମୟ ପରେ କୋକିଶିଆଳିଟିଏ ସେଠାକୁ ପାଣି ପିଇବା ପାଇଁ ଆସି ପହଞ୍ଚିଲା । ହ୍ରଦରେ ବୁନ୍ଦାଟିଏ ପାଣି ନଦେଖି ସେ ପଚାରିଲା,



'ହ୍ରଦ ଭାଇ, କାଲି ତ ତମର ବି'କୂଳ ପାଣିରେ ଉଚ୍ଛୁଳୁଥିଲା ଆଜି ଶୁଖିଗଲା କେମିତି ? ଏମିତି ଚମତ୍କାର କେମିତି ହେଲା ?'

ହ୍ରଦ କହିଲା, 'କୋକି ଅପା, ତମେ କ'ଣ ସତରେ କିଛି ଜାଣିନ ? ମୋ ଉପରେ ପିମ୍ପୁଡ଼ି ନାନୀର ଅଭିଶାପ ପଡ଼ିଛି –

**ଓଟର ପାଦ ଶଢ଼ିଯାଉ**
**ଓସ୍ତର ପତ୍ର ଝଡ଼ିଯାଉ**
**ଚଢ଼େଇର ପର ଖସିପଡୁ**
**ହ୍ରଦର ପାଣି ଶୁଖିଯାଉ**
**କୋକିଶିଆଳିର ଲାଞ୍ଜ ଉଭେଇଯାଉ'**

ସାଙ୍ଗେ ସାଙ୍ଗେ କୋକିଶିଆଳିର ଲାଞ୍ଜ କୁଆଡ଼େ ଉଭେଇଗଲା । କୋକି ଜଙ୍ଗଲଆଡ଼କୁ ପଳେଇଲା । ରାସ୍ତାରେ ତାକୁ ଜଣେ ଗଉଡ଼ ଭେଟ ହେଲା । ସେ କହିଲା, 'କୋକି ଅପା, ଇଏ କେଉଁ କଳିଯୁଗ ? ଟିକିଏ ଆଖି ପଡ଼ିଛି କି ନାହିଁ ଚୋରମାନେ ସିନ୍ଧି କାଟି ନେଇଗଲେ ! କହ ତ ତମର ଲାଞ୍ଜକୁ କିଏ ଚୋରେଇ ନେଲା ?' କୋକିଶିଆଳି ଉତ୍ତରଦେଲା, 'ଗଉଡ଼ ଭାଇ, ତମେ କ'ଣ କିଛି ଜାଣିନ ? ମୋ ଉପରେ ପିମ୍ପୁଡ଼ି ନାନୀର ଅଭିଶାପ ପଡ଼ିଛି –

**ଓଟର ପାଦ ଶଢ଼ିଯାଉ**
**ଓସ୍ତର ପତ୍ର ଝଡ଼ିଯାଉ**
**ଚଢ଼େଇର ପର ଖସିପଡୁ**
**ହ୍ରଦର ପାଣି ଶୁଖିଯାଉ**
**କୋକିର ଲାଞ୍ଜ ଉଭେଇଯାଉ**
**ଗଉଡ଼ କାଳା ହେଇଯାଉ'**

ସାଙ୍ଗେ ସାଙ୍ଗେ ଗଉଡ଼ କାଳା ହୋଇଗଲା । ନିଜ ଗାଈମାନଙ୍କୁ ଚରେଇ ସେ ଗାଆଁ ଆଡ଼କୁ ଚାଲିଲା । ବାଟରେ ସେ ଏକ ଦର୍ଜିଆଣୀକୁ ଭେଟିଲା । ସେ ଗଉଡ଼କୁ ଝରଣା ଆଡ଼କୁ ଯିବାର ରାସ୍ତା ପଚାରିଲା । ଗଉଡ଼ ଯେତେବେଳେ ଶୁଣିଲାନି ସେ ରଡ଼ି କରି କହିଲା, 'ଗଉଡ଼ ଭାଇ, ତୁମେ କେବେଠୁ କାଳା ହେଇଗଲ ?' ଗଉଡ଼ ଉତ୍ତରଦେଲା,

'ଭାଉଜ ! ତମେ ତ ସାରା ଗାଆଁର ଖବର ରଖିଥାଅ । ଏକଥା କ'ଣ ତମକୁ ଜଣାନାହିଁ ଯେ ମୋ ଉପରେ ପିମ୍ପୁଡ଼ିନାନୀର ଅଭିଶାପ ପଡ଼ିଛି –

**ଓଟର ପାଦ ଶଡ଼ିଯାଉ**
**ଓସ୍ତର ପତ୍ର ଝଡ଼ିଯାଉ**
**ଚଢ଼େଇର ପର ଖସିପଡୁ**
**ହ୍ରଦର ପାଣି ଶୁଖିଯାଉ**
**କୋକିର ଲାଞ୍ଜ ଉଭେଇଯାଉ**
**ଗଉଡ଼ କାଳା ହେଇଯାଉ**
**ଦରଜିଆଣୀ ନାଚ କରୁଥାଉ'**



ସାଙ୍ଗେ ସାଙ୍ଗେ ଦରଜିଆଣୀ ନାଚିବାକୁ ଲାଗିଲା । ଛମ୍ ଛମ୍ ଛମା ଛମ୍ ଛମ୍ ନାଚି ନାଚି ସେ ଝରଣା ପାଖରେ ପହଞ୍ଚିଲା । ସେଠାରେ ସେ ଏକ ପାଣିବାଲୀକୁ ଭେଟିଲା । ଦରଜିଆଣୀକୁ ନାଚୁଥିବାର ଦେଖି ସେ ପଚାରିଲା, 'ସଖି ! ଆଜି ତମର କ'ଣ ହେଇଚି ? ତମକୁ ଡାଆଣୀ ଲାଗିନି ତ ?' ଦରଜିଆଣୀ ଉତ୍ତରଦେଲା, 'ଭଉଣୀ, ଆଖିକାନ ଖୋଲା ରଖି ବାଟ ଚାଲ । ତାହେଲେ ଜାଣିପାରିବ ମୋ ଉପରେ ପିମ୍ପୁଡ଼ି ନାନୀର ଅଭିଶାପ ପଡ଼ିଛି –

**ଓଟର ପାଦ ଶଡ଼ିଯାଉ**
**ଓସ୍ତର ପତ୍ର ଝଡ଼ିଯାଉ**
**ଚଢ଼େଇର ପର ଖସିପଡୁ**
**ହ୍ରଦର ପାଣି ଶୁଖିଯାଉ**
**କୋକିର ଲାଞ୍ଜ ଉଭେଇଯାଉ**
**ଗଉଡ଼ କାଳା ହେଇଯାଉ**

ଦରଜିଆଣୀ ନାଚ କରୁଥାଉ
ପାଣିବାଲୀ ବକ ବକ ହଉଥାଉ'

ସାଙ୍ଗେ ସାଙ୍ଗେ ପାଣିବାଲୀ ଏଣୁତେଣୁ ବକର ବକର ହେଲା । କ'ଣ ଗୁଡ଼େ ୟାଡ୍ଡୁସାଡ୍ଡୁ ବକି ବକି ସେ ଗାଆଁର ଚଉତରା ପାଖଦେଇ ଯାଉଥିଲା । ସେଠାରେ ବସିଥିବା ବୟସ୍କ ଲୋକଙ୍କ ମଧ୍ୟରୁ ଜଣେ ପଚାରିଲା, 'ଆରେ ବେଗମ୍, କ'ଣ ହେଲା ? ଆକାଶ ଛିଡ଼ି ପଡ଼ିଲା ନା ଭୂଇଁ ଦି'ଫାଳ ହେଇଗଲା ? ଆଜି ଏମିତି ପାଗଳ ଭଳି ବକ ବକ କାହିଁକି ହେଉଛୁ ?' ପାଣିବାଲୀ କହିଲା, 'ହେଇ ଦେଖ । ୟେ' ଚଉତରା ଉପର ଲୋକମାନେ ବି ମୋରି ଭଳି ଖବରଟା ପାଇନାହାନ୍ତି । ଆରେ ଭାଇ, ମୋ ଉପରେ ପିମ୍ପୁଡ଼ି ନାନୀର ଅଭିଶାପ ପଡ଼ିଛି –


ଓଟର ପାଦ ଶଡ଼ିଯାଉ
ଓସ୍ତର ପତ୍ର ଝଡ଼ିଯାଉ
ଚଢ଼େଇର ପର ଖସିପଡୁ
ହ୍ରଦର ପାଣି ଶୁଖିଯାଉ
କୋକିର ଲାଞ୍ଜ ଉଭେଇଯାଉ
ଗଉଡ଼ କାଲା ହେଉ
ଦରଜିଆଣୀ ନାଚ କରୁ
ପାଣିବାଲୀ ବକ ବକ ହଉ
ମର୍ଦ୍ଦଙ୍କର ନିଶ କଟିଯାଉ'

ସାଙ୍ଗେ ସାଙ୍ଗେ ଚଉତରା ଉପରେ ବସିଥିବା ସବୁ ପୁରୁଷଙ୍କର ନିଶ ଉଭାନ ହେଇଗଲା । ତା'ପରେ ସେମାନେ ସମସ୍ତେ ମିଶି ନାଚିକି ଗାଇବାକୁ ଲାଗିଲେ –

ଓଟର ପାଦ ଶଡ଼ିଗଲା
ଓସ୍ତର ପତ୍ର ଝଡ଼ିଗଲା
ଚଢ଼େଇର ପର ଖସିଗଲା
ହ୍ରଦର ପାଣି ଶୁଖିଗଲା
କୋକିର ଲାଞ୍ଜ ଉଭେଇଗଲା



ଗଉଡ଼ ହେଲା କାଲା
ଦରଜିଆଣୀ ହେଲା ନାଚବାଲୀ
ବକର ବକର ହେଲା ପାଣିବାଲୀ
ମର୍ଦ୍ଦଙ୍କର ନିଶ ଗଲା ଉଭେଇ





## କାଉ କହିଲା କାଆ କାଆ କାଆ

କାଉଟିଏ ଥିଲା ଓ ଶାରୀଟିଏ ଥିଲା । ଦିନେ ସେମାନେ ନିମଗଛର ଛାଇରେ ଖେଳୁଥିଲେ । ଖେଳୁ ଖେଳୁ କାଉକୁ କଉଡ଼ିଟିଏ ମିଳିଲା ଓ ଶାରୀକୁ ମୋତିଟିଏ । ସେ ଖୁସିରେ ଗଦଗଦ ହେଇ କହିଲା, 'କାଉ କାକା ଦେଖିଲ, ମତେ କ'ଣ ମିଳିଛି !' କାଉ ଦେଖିଲା । ମୋତି ଅସଲି ଥିଲା । ସୂର୍ଯ୍ୟଙ୍କର କୋମଳ କିରଣରେ ଚକ୍‌ଚକ୍ କରୁଥିଲା । ସେ ଭାବିଲା ... 'ମୋ ଭାଗ୍ୟକୁ ଏଇ ଫଟା କଉଡ଼ି ଆଉ ଶାରୀ ଭାଗ୍ୟରେ ଚକମକ ମୋତି ! ଅସମ୍ଭବ ।' ସେ ସାଙ୍ଗେ ସାଙ୍ଗେ ଶାରୀଠୁ ମୋତି ଛଡ଼େଇ ନେଇ ଗଛ ଉପରେ ଯାଇ ବସିଲା । ସାରୀ ସେଇମିତି ଆଁ କରି ଚାହିଁ ରହିଥିଲା । ପୁଣି କହିଲା, 'କାଉ କାକା, କାଉ କାକା, ମୋ ମୋତି ଦିଅ ନା !' କାଉ କହିଲା, 'ମୋତି ତ ମୋ ଥଣ୍ଟର ଶୋଭା । ନେ ଏଇ ଫଟା କଉଡ଼ି । ଏଇଥିରେ ଖେଳ ।' ସେ ନିଜର କଉଡ଼ି ତଳକୁ ପକେଇଦେଲା । ଏକଥା ଦେଖି ଶାରୀ ରାଗିଗଲା । ସେ ସାଙ୍ଗେ ସାଙ୍ଗେ ନିମ ଗଛକୁ ତା' କଥା ଜଣାଇଲା, 'ନିମ, ନିମ ! କାଉ କାକାକୁ ତମ ଗଛରୁ ଉଡ଼େଇ ଦିଅ ।' ନିମ କହିଲା, 'ମୁଁ ଭଲା କାହିଁକି ଉଡ଼େଇବି ?' ଶାରୀ କହିଲା :

**କଳା କାଉ ନେଇଗଲା ମୋ ମୋତି**
**ହାତ ଯୋଡ଼ି ମାଗିଲି ତଥାପି ଦଉନି**

ଏକଥା ଶୁଣି ନିମ କହିଲା, 'କାଉ କାକା ତ ମୋ ପିଲାଦିନର ସାଙ୍ଗ । ମୋରି ଛାଇରେ ଖେଳି ଖେଳି ବଡ଼ ହୋଇଛି । ତାକୁ ଉଡ଼େଇ ମୁଁ କାହିଁକି ଝଗଡ଼ାକୁ ଯିବି ? ତା' ସାଙ୍ଗରେ ମୋର କୋଉ ବିବାଦ ଅଛି ଯେ !'

ଶାରୀ ଯାଇ ପହଞ୍ଚିଲା ବଢ଼େଇ ଘରେ ଆଉ କହିଲା, 'ବଢ଼େଇ ... ବଢ଼େଇ,

ନିମଗଛକୁ କାଟି ଦିଅ ।' ବଢ଼େଇ ଉତ୍ତର ଦେଲା, 'ମୁଁ ଭଲା ନିମକୁ କାହିଁକି କାଟିବି ?' ଶାରୀ କହିଲା :

**କଳାକାଉକୁ ନିମ ଉଡ଼ଉନି**
**କଳାକାଉ ନେଇଗଲା ମୋ ମୋତି**
**ହାତଯୋଡ଼ି ମାଗେ ତଥାପି ଦଉନି**


ଏକଥା ଶୁଣି ବଢ଼େଇ କହିଲା, 'ମୁଁ ନିମକୁ କାଟି ପାରିବିନି । ମୋ ପାଖରେ ଫାଲ୍‌ତୁ କାମ ପାଇଁ ସମୟ ନାହିଁ ।' ଶାରୀ ପହଞ୍ଚିଲା ରାଜାଙ୍କ ପାଖରେ ଆଉ କହିଲା, 'ରାଜା ... ରାଜା, ବଢ଼େଇକୁ ଦଣ୍ଡ ଦିଅ ।' ରାଜା କହିଲେ, "ମୁଁ ଭଲା ତାକୁ କାହିଁକି ଦଣ୍ଡ ଦେବି ?" ଶାରୀ କହିଲା :

**ବଢ଼େଇ କାଟୁନି ନିମ ଗଛକୁ**
**ନିମ ଉଡ଼ଉନି କଳାକାଉକୁ**
**କଳାକାଉ ନେଇଗଲା ମୋ ମୋତି**
**ମାଗେ ହାତଯୋଡ଼ି ଦଉନି ତଥାପି**

ଏକଥା ଶୁଣି ରାଜା କହିଲେ, 'ମୋ ପାଖରେ ଟିକିଏ ବି ସମୟ ନାହିଁ । ଏ ଛୋଟମୋଟ କଥାରେ ମୁଁ କାହିଁକି ମୁଣ୍ଡ ପୂରେଇବି ?' ଶାରୀ ଯାଇ ପହଞ୍ଚିଲା ରାଣୀଙ୍କ ପାଖରେ ଆଉ କହିଲା, 'ରାଣୀ ... ରାଣୀ, ରାଜାଙ୍କ ଉପରେ ରାଗିଯାଅ ।' ରାଣୀ କହିଲେ, 'ମୁଁ ଭଲା ରାଜାଙ୍କ ଉପରେ କାହିଁକି ରାଗିବି ?' ଶାରୀ କହିଲା :

**ରାଜା ଦିଅନ୍ତିନି ବଢ଼େଇକୁ ସଜା**
**ବଢ଼େଇ କାଟେନି ନିମକୁ**
**ନିମ ଉଡ଼ାଏନି କଳାକାଉକୁ**
**କଳାକାଉ ନେଇଗଲା ମୋ ମୋତି**
**ମାଗେ ହାତଯୋଡ଼ି ଦଉନି ତଥାପି**

ଏକଥା ଶୁଣି ରାଣୀ କହିଲେ, 'ମୁଁ ତ ରାଜାଙ୍କର ପ୍ରିୟ ରାଣୀ । ମୁଁ ରାଜାଙ୍କ ଉପରେ ରାଗିପାରିବି ନାହିଁ ।' ଶାରୀ ପହଞ୍ଚିଲା ମୂଷା ପାଖରେ ଆଉ କହିଲା, 'ଚୁଟିଆ ମୂଷା ... ଚୁଟିଆ ମୂଷା, ରାଣୀଙ୍କ ଓଢ଼ଣି କାଟି ଦେ' ।'



ମୂଷା କହିଲା, 'ମୁଁ ଭଲା ରାଣୀଙ୍କ ଓଢ଼ଣି କାଟିବି କିଆଁ ?' ଶାରୀ କହିଲା ;

**ରାଣୀ ରାଗନ୍ତିନି ରାଜାଙ୍କ ଉପରେ**
**ରାଜା ଦିଅନ୍ତିନି ବଢ଼େଇକୁ ସଜା**
**ବଢ଼େଇ ନକାଟେ ନିମକୁ**
**ନିମ ଉଡ଼ାଏନି କଳାକାଉକୁ**
**କଳାକାଉ ନେଇଗଲା ମୋ ମୋତି**
**ମାଗେ ହାତଯୋଡ଼ି ଦଉନି ତଥାପି**

ଏକଥା ଶୁଣି ମୂଷା କହିଲା, 'ନାଇଁରେ ବାବା ! ରାଣୀ ତ ପ୍ରତିଦିନ ଗଣେଶଙ୍କ ସହିତ ମତେ ବି ପୂଜା କରନ୍ତି । ମୁଁ କେମିତି ତାଙ୍କର

କ୍ଷତି କରିବି ?' ଶାରୀ ଯାଇ ପହଞ୍ଚିଲା ବିଲେଇ ପାଖରେ ଆଉ କହିଲା, 'ବିଲେଇ ମାଉସୀ ... ବିଲେଇ ମାଉସୀ, ମୂଷାକୁ ଖାଇଦିଅ ।' ବିଲେଇ କହିଲା, "ମୁଁ ଭଲା ମୂଷାକୁ କାହିଁକି ଖାଇବି ?" ଶାରୀ କହିଲା :

**ମୂଷା କାଟେ ନାହିଁ ରାଣୀ ଓଢ଼ଣି**
**ରାଣୀ ରାଗନ୍ତିନି ରାଜାଙ୍କ ଉପରେ**
**ରାଜା ଦିଅନ୍ତିନି ବଢ଼େଇକୁ ସଜା**
**ବଢ଼େଇ ନକାଟେ ନିମକୁ**
**ନିମ ଉଡ଼ାଏନି କଳାକାଉକୁ**
**କଳାକାଉ ନେଇଗଲା ମୋ ମୋତି**
**ମାଗେ ହାତଯୋଡ଼ି ଦଉନି ତଥାପି**


ଏକଥା ଶୁଣି ବିଲେଇ କହିଲା, 'ଏବେ ମୋତେ ଭୋକ ଲାଗିନି । ମୂଷାକୁ ଖାଇବି କେମିତି ?' ଶାରୀ ଯାଇ ପହଞ୍ଚିଲା କୁକୁର ପାଖରେ ଆଉ କହିଲା, 'କୁକୁର ଭାଇ ... କୁକୁର ଭାଇ, ବିଲେଇକୁ କାମୁଡ଼ି ଦିଅ ।' କୁକୁର କହିଲା, 'ମୁଁ ଭଲା ବିଲେଇକୁ କାହିଁକି କାମୁଡ଼ିବି ?' ଶାରୀ କହିଲା :


**ବିଲେଇ ଖାଏ ନାହିଁ ମୂଷାକୁ**
**ମୂଷା କାଟେ ନାହିଁ ରାଣୀଙ୍କ ଓଢ଼ଣି**
**ରାଣୀ ରାଗନ୍ତିନି ରାଜାଙ୍କ ଉପରେ**
**ରାଜା ବଢ଼େଇକୁ ଦିଅନ୍ତିନି ସଜା**
**ବଢ଼େଇ କାଟେନି ନିମକୁ**
**ନିମ ଉଡ଼ାଏନି କଳାକାଉକୁ**
**କଳାକାଉ ନେଇଗଲା ମୋ ମୋତି**
**ମାଗେ ହାତଯୋଡ଼ି ଦଉନି ତଥାପି**

ଏକଥା ଶୁଣି କୁକୁର କହିଲା, 'ମୋ କୁକୁର ରାଣୀ ଦଶଟା ଛୁଆ ଜନ୍ମ କରିଛି । ସେମାନଙ୍କୁ ଦେଖିବା ପାଇଁ ମୋତେ ଫୁରୁସତ ମିଳୁନି । ତୋ କଥାରେ ମୁଁ କାହିଁକି ମୁଣ୍ଡ ପୂରେଇବି ?' ଶାରୀ ଯାଇ ପହଞ୍ଚିଲା ଠେଙ୍ଗା ପାଖରେ ଆଉ କହିଲା, 'ଠେଙ୍ଗା ମହାଶୟ

... ଠେଙ୍ଗା ମହାଶୟ, କୁକୁରକୁ ପିଟ ।' ଠେଙ୍ଗା କହିଲା, 'ଭଲା ମୁଁ କାହିଁକି କୁକୁର ଉପରେ ଲଦି ହେବି ।' ଶାରୀ କହିଲା :

କୁକୁର କାମୁଡ଼େନି ବିଲେଇକୁ
ବିଲେଇ ଖାଏନି ମୂଷାକୁ
ମୂଷା କାଟେ ନାହିଁ ରାଣୀଙ୍କ ଓଢ଼ଣି
ରାଣୀ ରାଗନ୍ତିନି ରାଜାଙ୍କ ଉପରେ
ରାଜା ବଢ଼େଇକୁ ଦିଅନ୍ତିନି ସଜା
ବଢ଼େଇ କାଟେନି ନିମକୁ
ନିମ ଉଡ଼ାଏନି କଳାକାଉକୁ
କଳାକାଉ ନେଇଗଲା ମୋ ମୋତି
ମାଗେ ହାତଯୋଡ଼ି ଦଉନି ତଥାପି






ଏକଥା ଶୁଣି ଠେଙ୍ଗା କହିଲା, 'ମତେ ପ୍ରଥମେ ଏ ସହରର ସବୁ ଚୋର ଠକମାନଙ୍କୁ ଦଣ୍ଡ ଦେବାକୁ ହେବ । ତା'ପରେ ଯାଇ କୁକୁରର ପାଳି ।' ଶାରୀ ଯାଇ ପହଞ୍ଚିଲା ନିଆଁ ପାଖରେ ଆଉ କହିଲା, 'ଅଗ୍ନି ଦେବତା ... ଅଗ୍ନି ଦେବତା, ଠେଙ୍ଗାକୁ ଜଳେଇ ଦିଅ ।' ନିଆଁ କହିଲା, 'ଭଲା ମୁଁ କାହିଁକି ଠେଙ୍ଗାକୁ ଜଳେଇବି ?' ଶାରୀ କହିଲା :

**ଠେଙ୍ଗା ପିଟେ ନାହିଁ କୁକୁରକୁ**
**କୁକୁର କାମୁଡ଼େନି ବିଲେଇକୁ**

ବିଲେଇ ଖାଏନି ମୂଷାକୁ
ମୂଷା କାଟେ ନାହିଁ ରାଣୀଙ୍କ ଓଢ଼ଣି
ରାଣୀ ରାଗନ୍ତିନି ରାଜାଙ୍କ ଉପରେ
ରାଜା ଦିଅନ୍ତିନି ବଢ଼େଇକୁ ସଜା
ବଢ଼େଇ ନକାଟେ ନିମକୁ
ନିମ ଉଡ଼ାଏନି କଳାକାଉକୁ
କଳାକାଉ ନେଇଗଲା ମୋ ମୋତି
ମାଗେ ହାତଯୋଡ଼ି ଦଉନି ତଥାପି

ଏକଥା ଶୁଣି ନିଆଁ କହିଲା, ‘କେତେ ଗରିବଗୁରୁବାଙ୍କ ଝୁମ୍ପୁଡ଼ି ଘରେ ଚୁଲି ଜଳୁନି । ମୁଁ ସେମାନଙ୍କ ଚୁଲିକୁ ଜଳେଇବି ନା ତୋ ଠେଙ୍ଗାକୁ ?’ ଶାରୀ ଯାଇ ପହଞ୍ଚିଲା ନଦୀ ପାଖରେ ଆଉ କହିଲା,



'ନଦୀ ଭଉଣୀ ... ନଦୀ ଭଉଣୀ, ନିଆଁକୁ ଲିଭେଇ ଦିଅ ।' ନଦୀ କହିଲା, 'ଭଲା ମୁଁ କାହିଁକି ନିଆଁକୁ ଲିଭେଇବି ?' ଶାରୀ କହିଲା :

ନିଆଁ ଜଳଉନି ଠେଙ୍ଗାକୁ
ଠେଙ୍ଗା ପିଟେ ନାହିଁ କୁକୁରକୁ
କୁକୁର କାମୁଡ଼େନି ବିଲେଇକୁ
ବିଲେଇ ନଖାଏ ମୂଷାକୁ
ମୂଷା କାଟେ ନାହିଁ ରାଣୀଙ୍କ ଓଢ଼ଣି
ରାଣୀ ରାଗନ୍ତିନି ରାଜାଙ୍କ ଉପରେ
ରାଜା ବଢ଼େଇକୁ ଦିଅନ୍ତିନି ସଜା
ବଢ଼େଇ ନକାଟେ ନିମକୁ
ନିମ ଉଡ଼ାଏନି କଳାକାଉକୁ
କଳାକାଉ ନେଇଗଲା ମୋ ମୋତି
ମାଗେ ହାତଯୋଡ଼ି ଦଉନି ତଥାପି



ଏକଥା ଶୁଣି ନଦୀ କହିଲା, 'ମୋର ପ୍ରଥମ କାମ ହେଉଛି ଶୋଷିଲା ଲୋକଙ୍କ ଶୋଷ ମେଣ୍ଟାଇବା । ଏବେ ମୁଁ ସେୟା କରୁଛି । ଯା' ଆଉ କେବେ ଆସିବୁ ।' ଶାରୀ ଯାଇ ପହଞ୍ଚିଲା ହାତୀ ପାଖରେ ଆଉ କହିଲା, 'ହାତୀ ... ହାତୀ ନଦୀକୁ ପିଇଯାଅ ।' ହାତୀ କହିଲା, 'ଭଲା ମୁଁ କାହିଁକି ନଦୀକୁ ପିଇବି ?' ଶାରୀ କହିଲା :

ନଦୀ ଲିଭାଏନି ନିଆଁକୁ
ନିଆଁ ଜଳାଏନି ଠେଙ୍ଗାକୁ
ଠେଙ୍ଗା ପିଟେ ନାହିଁ କୁକୁରକୁ
କୁକୁର କାମୁଡ଼େନି ବିଲେଇକୁ
ବିଲେଇ ଖାଏନି ମୂଷାକୁ
ମୂଷା କାଟେ ନାହିଁ ରାଣୀଙ୍କ ଓଢ଼ଣି
ରାଣୀ ରାଗନ୍ତିନି ରାଜାଙ୍କ ଉପରେ
ରାଜା ଦିଅନ୍ତିନି ବଢ଼େଇକୁ ସଜା

ବଢ଼େଇ ନକାଟେ ନିମକୁ
ନିମ ଉଡ଼ାଏନି କଳାକାଉକୁ
କଳାକାଉ ନେଇଗଲା ମୋ ମୋତି
ମାଗେ ହାତଯୋଡ଼ି ଦଉନି ତଥାପି



ଏକଥା ଶୁଣି ହାତୀ କହିଲା, 'ମୁଁ କାହିଁକି ନଦୀର ପାଣି ପିଇଦେବି ? ପିଇଦେବି ତ ଗାଧୋଇବାକୁ କୋଉଠିକୁ ଯିବି ? କୂଅକୁ ?'

ଶାରୀ ନିରାଶ ହୋଇ କାନ୍ଦିବାକୁ ଲାଗିଲା ତ ଗୋଟେ ମଶାର ତା' ଉପରେ ଦୟା ଆସିଲା । ସେ କହିଲା, 'ଶାରୀ ଅପା ... ଶାରୀ ଅପା, ଯୋଉ କାମ ବଡ଼ ବଡ଼ ହାତୀ କରିପାରନ୍ତିନି ତା' ମୋ ଭଳି ଛୋଟ ଜୀବ କରିପାରନ୍ତି । ରହ, ମୁଁ ସାଙ୍ଗେ ସାଙ୍ଗେ ହାତୀର ଖବର ବୁଝୁଛି ।'

ମଶା ଉଡ଼ିଗଲା । ଆଉ ଯେମିତି ସେ ଗୁଣୁଗୁଣୁ ହେଇ ହାତୀ କାନରେ ପଶିବାକୁ ବସିଲା, ହାତୀ ଡରିଯାଇ କହିଲା, 'ଛୋଟ ଭାଇ, ମୋ କାନରେ ପଶିବାର କଷ୍ଟ ଆପଣ କାହିଁକି କରିବେ ? ମୁଁ ସାଙ୍ଗେ ସାଙ୍ଗେ ନଦୀକୁ ପିଉଛି ।' ନଦୀ ଏକଥା ଶୁଣିଲା ତ କହିଲା, 'ମୋ ପାଣି ପିଇବା ଦରକାର ନାହିଁ । ମୁଁ ଏବେ ସାଙ୍ଗେ ସାଙ୍ଗେ ନିଆଁକୁ ଲିଭାଉଛି ।' ନିଆଁ ରଡ଼ିକରି କହିଲା, ଖବରଦାର, 'ମତେ କେହି ଛୁଇଁ ପାରିବ ନାହିଁ । ମୁଁ ଠେଙ୍ଗାକୁ ଜଳେଇବାକୁ ଯାଉଛି ।' ଠେଙ୍ଗା ସାଙ୍ଗେ ସାଙ୍ଗେ କହି ଉଠିଲା, 'ମତେ ଜଳେଇଲେ ତମର କ୍ଷତି ହେବ । ମତେ ତେଣୁ ଯିବାକୁ ଦିଅ । ମୁଁ କୁକୁରକୁ ଏମିତି ପିଟିବି ଯେ ... ।' କୁକୁର ତାକୁ ମଝିରେ ହିଁ ରୋକିଦେଲା, 'ମତେ ପିଟିବା କ'ଣ ଦରକାର । ମୁଁ ବିଲେଇର ଚମଡ଼ା ଉତାରି ଦେବି !' ବିଲେଇ କହିଲା, 'ରହ । ମୁଁ ସାଙ୍ଗେ ସାଙ୍ଗେ ମୂଷାକୁ ଜଳଖିଆ କରୁଛି ।' ମୂଷା ଦୌଡ଼ିଲା ରାଣୀ ମହଲ ଆଡ଼କୁ । 'ଆରେ, ଖାଲି ଏଇ ରାଣୀଙ୍କ ଓଢ଼ଣି କାଟିବା କଥା ତ ! ସାଙ୍ଗେ ସାଙ୍ଗେ ତା'ର ସତ୍ୟାନାଶ କରୁଛି ।' ରାଣୀ ଚିତ୍କାର କରି କହିଲେ, 'ନା, ରାଜାଙ୍କ ଉପରେ ରାଗିବା ପାଇଁ ମୁଁ ରାଜି ।' ରାଜା ବାଘ ପରି ଗର୍ଜନ କରି କହିଲେ, 'କାହିଁକି ? ମୁଁ ସାଙ୍ଗେ ସାଙ୍ଗେ ବଢ଼େଇକୁ ଫାଶୀ ଉପରେ ଲଟକାଉଛି ।' ବଢ଼େଇ ଭୟରେ ଦୌଡ଼ିଲା, 'ମୁଁ ତ ଭାଇ ଚାଲିଲି ନିମଗଛ କାଟିବାକୁ ।' ବଢ଼େଇକୁ ଆସିବାର ଦେଖି ନିମ ପ୍ରାର୍ଥନା କଲା, 'ମତେ କାଟ ନାହିଁ । ମୁଁ ସାଙ୍ଗେ ସାଙ୍ଗେ ମୋ ଡାଳରୁ କାଉକୁ ଉଡ଼ଉଛି ।' ଏତିକି କହି ନିମ

ହଲିବାକୁ ଲାଗିଲା । ତା'ର ଡାଳସବୁ ତଳଉପର ହୋଇ ହଲିଲେ । ପତ୍ରସବୁ ଖଡ଼ଖଡ଼ ହେଲା । ଏଥର କାଉର ବସିବା ହିଁ ମୁସ୍କିଲ ହୋଇଗଲା । ସେ କାଆ କାଆ କରି ଏମିତି ଉଡ଼ିଲା ଯେ ତା'ର ମୁହଁ ଖୋଲିଗଲା । ତା' ଥଣ୍ଟରୁ ମୋତି ଖସି ତଳେ ପଡ଼ିଗଲା । ଶାରୀ ତାକୁ ସାଙ୍ଗେ ସାଙ୍ଗେ ଉଠେଇ ନେଲା ଏବଂ ନିଜ ବସାରେ ଯାଇ ବସିଲା ।



ଏବେ କିଏ ଶୁଣାଇବ କଥା–କାହାଣୀ !
କାଶୀ ଧାମକୁ ଆମ ଆଇ ଗଲେଣି !!

nbt.india
एकः सूते सकलम्
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

₹ 80.00
ISBN 812378039-7
9788123780399
17180166
Chor Machaye Shor *(Odia)*

